Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈଜ୍ଞାନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 21+ Issue No:348+ 17 April 2026 (Friday) + Rourkela + Rs.2.00 + Page -1 +୨୧ ବର୍ଷ +ସଂଖ୍ୟା:୩୪୮+ ୧୭ ଏପ୍ରିଲ ୨୦୨୬ (ଶୁକ୍ରବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୧

କିଭ୍‌ରେ ତାଣ୍ଡବ ରଚିଲା ରୁଷ : ୭୦୦ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼

୧୬ ମୃତ-୮୦ରୁ ଅଧିକ ଆହତ

କିଭ୍,୧୬/୪: ବୁଧବାର ରାତିରେ ରୁଷ ୟୁକ୍ରେନର ରାଜଧାନୀ କିଭ୍‌ରେ ଏକ ବଡ଼ ଧରଣର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ଏଥିରେ ୟୁକ୍ରେନର ରାଜଧାନୀ କିଭ୍ ଥରି ଉଠିଥିଲା । ରୁଷିଆ ରାତିସାରା ଶହ ଶହ ଡ୍ରୋନ୍ ଏବଂ ଡଜନ ଡଜନ କ୍ଷେପଣାସ୍ତ୍ର ସାହାଯ୍ୟରେ ୟୁକ୍ରେନର ସାଧାରଣ ଅଚଂଳ ଉପରେ ଏକ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି । ଗତ ଦୁଇ ସପ୍ତାହ ମଧ୍ୟରେ ଏହା ରୁଷର ସବୁଠାରୁ ବଡ଼ ଆକ୍ରମଣ । ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରି ସିବିହା ଗୁରୁବାର ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ରୁଷ ପ୍ରାୟ ୭୦୦ ଡ୍ରୋନ୍ ଏବଂ ବାଲିଷ୍ଟିକ୍ ତଥା କ୍ରୁଜ୍ କ୍ଷେପଣାସ୍ତ୍ରରେ ଆକ୍ରମଣ କରିଛି । ଏହି ଆକ୍ରମଣଗୁଡ଼ିକ ମୁଖ୍ୟତଃ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଛି । କିଭ୍ ?ରେ ଜଣେ ୧୨ ବର୍ଷର ଶିଶୁ ସମେତଚାରି ଜଣଙ୍କର ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ୫୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଦକ୍ଷିଣ ବନ୍ଦର ସହର ଓଡେସାରେ ନଅ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୩ ଜଣ ଆହତ ହୋଇଛନ୍ତି । କେନ୍ଦ୍ରୀୟ ୟୁକ୍ରେନର ଡିନିପ୍ରୋ ଅଚଂଳରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବହୁ ଲୋକ ଆହତ ହୋଇଛନ୍ତି । ଦକ୍ଷିଣ ଜାପୋରିଝିଆରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଏପରି ଆକ୍ରମଣକୁ ସାଧାରଣ ବୋଲି ବିବେଚନା କରାଯାଇପାରିବ ନାହିଁ । ଏଗୁଡ଼ିକ ଯୁଦ୍ଧ ଅପରାଧ, ଏଗୁଡ଼ିକୁ ବନ୍ଦ କରାଯିବା ଉଚିତ । ଏଥିପାଇଁ ଦାୟୀ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି । ୟୁକ୍ରେନୀୟ ବାୟୁସେନା ରିପୋର୍ଟ କରିଛି, ଆମର ବାୟୁ ପ୍ରତିରକ୍ଷା ପ୍ରଣାଳୀ ୭୦୩ ଆକ୍ରମଣକାରୀ ଡ୍ରୋନ୍ ମଧ୍ୟରୁ ୬୬୭କୁ ଗୁଳି କରି ଖସାଇ ଦେଇଛି । ସେଥିରେ ୬୩୬ଟି ଶାହେଦ୍ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଡ୍ରୋନ୍ ରହିଛି । ବାୟୁସେନା ଅନୁଯାୟୀ, ୨୦ ଆକ୍ରମଣକାରୀ ଡ୍ରୋନ୍ ଏବଂ ୧୨ କ୍ଷେପଣାସ୍ତ୍ର ୨୬ ଅଚଂଳରେ ଆକ୍ରମଣ କରିବାରେ ସଫଳ ହୋଇଛନ୍ତି ।

ସଂସଦର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ :

ଆଶା ଭୋଁସଲେଙ୍କୁ ଶ୍ରଦ୍ଧାଞ୍ଜଳି, ୩ ଗୁରୁତ୍ୱପୂର୍ଣ୍ଣ ବିଲ ଆଗତ

ନୂଆଦିଲ୍ଲୀ,୧୬/୪: ସଂସଦର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଛି । ଅଧିବେଶନ ଆରମ୍ଭରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦିବଂଗତ ଗାୟିକା ଆଶା ଭୋଁସଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସମଗ୍ର ଗୃହ ଦୁଇ ମିନିଟ୍ ନୀରବ ପାଳନ କରି ସ୍ୱର୍ଗତ ଗାୟିକାଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା । ଆଜି ସ୍ୱତନ୍ତ୍ର ଅଧିବେଶନରେ ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଛନ୍ତି ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ । ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ୨୦୨୬, ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬, ଏବଂ କେନ୍ଦ୍ରଶାସିତ ଅଚଂଳ ସଂଶୋଧନ ବିଲ୍ ୨୦୨୬ । ଏହି ବିଲ୍ ୨୦୨୩ ମସିହାରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ଆଇନକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟ ରଖିଛି । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଗୁରୁବାର ଲୋକସଭାରେ ଏହି ତିନୋଟି ବିଲ୍ ଉପସ୍ଥାପନ କରିଛନ୍ତି । ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସଂସଦରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବା ପାଇଁ ତିନୋଟି ବିଲ୍ ଆଗତ କରିଥିଲେ । ତଥାପି, ବିରୋଧୀମାନେ ଖୋଲାଖୋଲି ଭାବରେ ବିଲ୍ ବିରୋଧରେ ବାହାରି ଆସିଛନ୍ତି । ବିଧାନସଭା ବିଲ୍ ଉପରେ ଆଲୋଚନା ପାଇଁ ୧୮ ଘଣ୍ଟା ସମୟ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦି ଅପରାହ୍ନ ୩ ଟାରେ ଏହା ଉପରେ ଭାଷଣ ଦେବେ । ୧୭ ଏପ୍ରିଲରେ ଲୋକସଭାରେ ଆଲୋଚନା ପରେ ତିନୋଟି ବିଲ୍ ଉପରେ ଭୋଟିଂ ହେବ । ଏହି ସମୟରେ, ୧୮ ଏପ୍ରିଲରେ ରାଜ୍ୟସଭାରେ ତିନୋଟି ବିଲ୍ ଆଗତ କରାଯିବ, ଯେଉଁଠାରେ ଆଲୋଚନା ପାଇଁ ୧୦ ଘଣ୍ଟା ସମୟ ଦିଆଯାଇଛି । ୧୮ ଏପ୍ରିଲରେ ରାଜ୍ୟସଭାରେ ଆଲୋଚନା ପରେ ଭୋଟିଂ ହେବ ।

ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ସହିତ ଅର୍ଥନୀତିର ବିକାଶ ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୧୬/୪(ନି/ପ୍ର): ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷାକରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଗଝଚ । ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟ ମଧ୍ୟରେ ଆଜି ଲୋକସଭା ଭବନରେ ଏକ ଗଢ଼ଟ ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଓ ଘବ ନିର୍ଦ୍ଦେଶକ ଡକ୍ଟର ଆର.ଏସ୍. କନ୍ନରା ଏହି ଗଢ଼ଟରେ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଗଝଚ କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତି ର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ । ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ । ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଗଝଚ ଏକ ନୂଆ ବେଚଂ

ମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ୨୦୧୯ ମସିହା ଠାରୁ ଦେଶରେ ଆରମ୍ଭ କରାଯାଇଛି ।

ଆମେରିକା-ଇରାନ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାକିସ୍ତାନରେ ଅନୁଷ୍ଠିତ ହେବ

ହ୍ୱାଇଟ୍ ହାଉସରୁ ଆସିଲା ବିବୃତି

ୱାସିଂଟନ,୧୬/୪: ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ଥରେ ଆଲୋଚନା ଆରମ୍ଭ ହୋଇପାରେ । ହ୍ୱାଇଟ୍ ହାଉସ୍ ଏନେଇ ସବୁଜ ସଙ୍କେତ ଦେଇ କହିଛି ଯେ, ଦ୍ୱିତୀୟ ପର୍ଯ୍ୟାୟ ପାକିସ୍ତାନରେ ହେବାର ସମ୍ଭାବନା ଅଛି । ଏକ ପ୍ରେସ ବ୍ରିଫିଂରେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି, ଦ୍ୱିତୀୟ ବୈଠକ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ସ୍ଥିର ହୋଇନାହିଁ, କିନ୍ତୁ ଆଲୋଚନା ଜାରି ରହିଛି । ମଧ୍ୟପ୍ରାଚ୍ୟରେ କୂଟନୈତିକ ପ୍ରୟାସ ବୃଦ୍ଧି ପାଇଥିବା ସମୟରେ ଏହି ଅପଡେଟ୍ ଆସିଛି । ବୁଧବାର ପାକିସ୍ତାନର ସେନା ମୁଖ୍ୟ ଜେନେରାଲ୍ ଅସୀମ ମୁନିରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଇରାନର ରାଜଧାନୀ ତେହେରାନରେ ମଧ୍ୟ ପହଚିଂଛନ୍ତି । ଲେଭିଟ୍ ନିଶ୍ଚିତ କରିଛନ୍ତି ଯେ, ତେହେରାନ ସହିତ କୂଟନୈତିକ ଆଲୋଚନା ଚାଲିଛି । ଆଲୋଚନା ସକାରାତ୍ମକ ଭାବେ ଜାରି ରହିଛି । ଆଲୋଚନାର ସ୍ଥାନ ବିଷୟରେ ପଚରାଯିବାରୁ, ଏହା ଇସଲାମାବାଦରେ ହେବ କି ନାହିଁ, ଲେଭିଟ୍ କହିଥିଲେ, ହଁ, ଏହା ପ୍ରାୟତଃ ପୂର୍ବ ପରି ସମାନ ସ୍ଥାନରେ ହୋଇପାରେ । ଏହି ସମୟରେ, ସେ ଆମେରିକା ଅସ୍ତ୍ରବିରତି ସମୟସୀମା ନେଇ ଅନୁରୋଧ କରିଥିବା ରିପୋର୍ଟକୁ ଅସ୍ୱୀକାର କରିଛନ୍ତି । ଲେଭିଟ୍ ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ବୋଲି ଦର୍ଶାଇ କହିଛନ୍ତି, ଆମେରିକା ଅସ୍ତ୍ରବିରତି ବୃଦ୍ଧି ପାଇଁ କୌଣସି ଦାବି କରିନାହିଁ । ଲେଭିଟ୍ ଦୁଇ ପକ୍ଷ ମଧ୍ୟରେ ଆଲୋଚନା ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରୁଥିବାରୁ ପାକିସ୍ତାନକୁ ପ୍ରଶଂସା କରିଛନ୍ତି । ଆଲୋଚନାରେ ପାକିସ୍ତାନ ଏକମାତ୍ର ମଧ୍ୟସ୍ଥି ଥିବା ସେ କହିଛନ୍ତି । ପାକିସ୍ତାନର ଫିଲ୍ଡ ମାର୍ଶାଲ ଅସୀମ ମୁନିର ଇରାନର ରାଜଧାନୀ ତେହେରାନରେ ପହଚିଂବା ପରେ ଏହି ବିବୃତି ଦିଆଯାଇଛି । ତାଙ୍କ ଗସ୍ତ ସମୟରେ ମୁନିର ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କୁ ଭେଟିଥିଲେ । ଉଭୟ ପକ୍ଷ ଆଲୋଚନା ଜାରି ରଖିବା ଏବଂ ଆଚଂଳିକ ସ୍ଥିରତା ବଜାୟ ରଖିବା ପାଇଁ ସହମତି ପ୍ରକାଶ କରିଥିଲେ ।

ଜଳୁଛି ପଶ୍ଚିମ ଓଡ଼ିଶା, ଉପକୂଳରେ ପ୍ରବଳ ଗରମ ଓ ଗୁଳୁଗୁଳି

୪୫ ଡିଗ୍ରୀ ଛୁଇଁପାରେ ତାପମାତ୍ରା

ଭୁବନେଶ୍ୱର,୧୬/୪(ନି/ପ୍ର): ପଶ୍ଚିମ ଓଡ଼ିଶାରେ ତାତି ୪୫ ଡିଗ୍ରୀ ଛୁଇଁପାରେ । ଟିଟିଲାଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର ଓ ଝାରସୁଗୁଡ଼ାରେ ତାପମାତ୍ରା ବଢ଼ି ୪୫ ଡିଗ୍ରୀରେ ପହଚିଂପାରେ । ବରଗଡ଼, ରାଉରକେଲା, ଅନୁଗୁଳ, ଭବାନୀପାଟଣା ଓ ବୌଦ୍ଧରେ ବି ୪୩ ଡିଗ୍ରୀ ଛୁଇଁବ । ଆଭ୍ୟନ୍ତରୀଣ ଓଡ଼ିଶାରେ ବି ଅସମ୍ଭାଳ ତାତି ହେବ । ପାଣିପାଗ ବିଭାଗ ଆସନ୍ତା ୧୯ ତାରିଖ ଯାଏ ତାତିକୁ ନେଇ ଏଭଳି ଆକଳନ କରିଛି । ୧୬ ତାରିଖରେ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅସହ୍ୟ ଗରମ ଓ ଗୁଳୁଗୁଳି ହୋଇପାରେ । ତେବେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଆଶଙ୍କା ଅଛି । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଗଞ୍ଜାମ ଓ ଗଜପତିରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ୧୭ ତାରିଖରେ ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର ଓ ସୋନପୁରରେ ଗ୍ରୀଷ୍ମପ୍ରବାହ ସ୍ଥିତି ରହିବ । ତତଲା ପବନ ବହିବା ଯୋଗୁ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ଗରମ ଓ ଗୁଳୁଗୁଳି ହୋଇପାରେ । ଉତ୍ତର ଓଡ଼ିଶାରେ ଝଡ଼ବର୍ଷା ଆଶଙ୍କା ଅଛି । ୧୮ ଓ ୧୯ ତାରିଖରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଗ୍ରୀଷ୍ମପ୍ରବାହ ସ୍ଥିତି ରହିବ । ଏହି ଦୁଇ ଦିନ ଗଞ୍ଜାମ, ଗଜପତି, କୋରାପୁଟ ଓ ମାଲକାନଗିରିରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଟିଟିଲାଗଡ଼ରେ ଦିନ ତାପମାତ୍ରା ସର୍ବାଧିକ ୪୨ ଡିଗ୍ରୀ ରେକର୍ଡ ହୋଇଛି ।

ଡ. ସସ୍ମିତ ପାତ୍ର ରାଜ୍ୟସଭା ଉପାଧ୍ୟକ୍ଷ ମଣ୍ଡଳୀ ସଦସ୍ୟ ମନୋନୀତ

ନୂଆଦିଲ୍ଲୀ,୧୬/୪: ରାଜ୍ୟସଭା ଉପାଧ୍ୟକ୍ଷ ମଣ୍ଡଳୀ ସଦସ୍ୟ ଭାବେ ବିଜେଡି ସାଂସଦ ଡ. ସସ୍ମିତ ପାତ୍ର ଷଷ୍ଠ ଥର ପାଇଁ ମନୋନୀତ ହୋଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ସି ପି ରାଧାକ୍ରିଷ୍ଣନ ଗୃହ କାର୍ଯ୍ୟ ପରିଚାଳନା ପାଇଁ ଡ. ପାତ୍ରଙ୍କ ସମେତ ସାଂସଦ ଡ. ଦିନେଶ ଶର୍ମା, ଏସ ଫାଗନନ କୋନ୍ୟାକ, ଏମ ଥମ୍ବିଦୁରାଇ, ଫୁଲୋଦେବୀ ନେତମ ଓ ଘନଶ୍ୟାମ ତିୱାରୀଙ୍କୁ ନେଇ ଛଅ ଜଣିଆ ଉପାଧ୍ୟକ୍ଷ ମଣ୍ଡଳୀ ଗଠନ କରିଛନ୍ତି । ୨୦୨୦, ୨୦୨୨, ୨୦୨୩, ୨୦୨୪, ୨୦୨୫ ଏବଂ ୨୦୨୬ ରାଜ୍ୟସଭା ଉପାଧ୍ୟକ୍ଷ ମଣ୍ଡଳୀରେ ଛଅ ଥର ସ୍ଥାନ ପାଇ ଓଡ଼ିଆ ସାଂସଦ ଭାବେ ଡ. ପାତ୍ର ରେକର୍ଡ ସୃଷ୍ଟି କରିଛନ୍ତି । ଗତ ସପ୍ତାହରେ ସେ ନିଜ ଆଡୁ ରାଜ୍ୟସଭାରେ ବିଜେଡିର ନେତା ପଦରୁ ଇସ୍ତଫା ଦେଇଥିଲେ ।

ଓଡିଶା ସାଂସଦଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୧୬/୪(ନି/ପ୍ର): ଓଡିଶା ସାଂସଦଙ୍କୁ ନବୀନଙ୍କ ଚିଠି । ରାଜ୍ୟର ସବୁ ସାଂସଦ ମାନଙ୍କୁ ଚିଠି ଲେଖିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ୧୩୧ତମ ସମ୍ବିଧାନ ସଂଶୋଧନ ପ୍ରସଙ୍ଗ ଉଠାଇ ନବୀନ ଚିଠି ଲେଖିଛନ୍ତି । ଚିଠିରେ ରାଜନୈତିକ ପ୍ରତିନିଧିତ୍ୱ ଓ ଅର୍ଥନୈତିକ ସ୍ୱାର୍ଥ କଥା ମଧ୍ୟ ଉଠାଇଛନ୍ତି । ଏବଂ କହିଛନ୍ତି ଓଡ଼ିଶାର ଦୀର୍ଘମିଆଦି ସ୍ୱାର୍ଥ, ସମାନୁପାତିକ ପ୍ରତିନିଧିତ୍ୱ, ଗୌରବ ଅକ୍ଷୁଣ୍ଣ ଜରୁରୀ । ଡିଲିମିଟେସନରେ ପ୍ରତିନିଧିତ୍ୱ ହାର କମିବା ଜାତୀୟସ୍ତରରେ କ୍ଷତି ପହଚାଂଇବ । ପ୍ରସ୍ତାବିତ ସମ୍ବିଧାନ ସଂଶୋଧନରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ରୁ ୩.୪%କୁ ହ୍ରାସ ଘଟିବ । ୬ଟି କ୍ଷତି ସହିବାକୁ ଥିବା ରାଜ୍ୟ ଭିତରେ ଆମକୁ ପଏଂଟ ୫ କ୍ଷତି ସହିବାକୁ ହେବ । ଓଡ଼ିଶା ଲୋକେ ଆପଣଙ୍କୁ ସଂସଦକୁ ପଠାଇଛନ୍ତି ଏହା କରିବାକୁ ଦିଅନ୍ତୁନି ।

ଦକ୍ଷିଣ ଚୀନ ସାଗରରେ 'ଚକ୍ରବ୍ୟୁହ' ରଚିଲା ଡ୍ରାଗନ :

ସମୁଦ୍ରର ଏହି ପଏଂଟକୁ କରିଦେଲା ସିଲ୍, ଚିନ୍ତାରେ ଆମେରିକା !

ନୂଆଦିଲ୍ଲୀ,୧୬।୪:ସମୁଦ୍ରରେ ବଢୁଛି ଯୁଦ୍ଧ ନିଆଁ । ଆମେରିକାକୁ ଘେରିବାକୁ ଚୀନର ନୂଆ ଚାଲ୍ । ମଧ୍ୟପ୍ରାଚ୍ୟରେ ହୋର୍ମୁଜ ପ୍ରଣାଳୀକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଚିଂଥିବା ବେଳେ, ଏହାର ସୁଯୋଗ ନେଇ ଚୀନ୍ ଏସିଆର ଅନ୍ୟ ଏକ କୋଣରେ ନିଜର ସାମ୍ରାଜ୍ୟ ବିସ୍ତାର କରିବା ଆରମ୍ଭ କରିଛି । ବିଶ୍ୱର ନଜର ତେଲ ପରିବହନର ମୁଖ୍ୟ ମାର୍ଗ ହୋର୍ମୁଜ ଉପରେ ଥିବା ବେଳେ, ଚୀନ୍ ଚୁପଚାପ୍ ଦକ୍ଷିଣ ଚୀନ ସାଗରରେ ନିଜର ପ୍ରଭାବ ବଢ଼ାଇବାରେ ଲାଗିଛି । ନିକଟରେ ହସ୍ତଗତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ, ଚୀନ୍ ବିବାଦୀୟ ସ୍କାରବୋରୋ ଶୋଲ୍ ଅଚଂଳରେ ପ୍ରବେଶକୁ ପ୍ରାୟତଃ ବନ୍ଦ କରିଦେଇଛି । ଏହି ଅଚଂଳ ଚୀନ୍ ଏବଂ ଫିଲିପାଇନ୍ସ ମଧ୍ୟରେ ଦୀର୍ଘ ଦିନରୁ ବିବାଦର କେନ୍ଦ୍ର ପାଲଟିଛି । ରିପୋର୍ଟ ଅନୁସାରେ, ଚୀନ୍ ଏଠାରେ ପ୍ରାୟ ୩୫୦ ମିଟର ଲମ୍ବର ଏକ ବିଶାଳ ଫ୍ଲୋଟିଂ ବ୍ୟାରିୟର୍ ଲଗାଇବା ସହ ନିଜର କୋଷ୍ଟ ଗାର୍ଡ ଜାହାଜ ଏବଂ ସାମରିକ ଡଙ୍ଗା ମୁତୟନ କରିଛି । ସାଟେଲାଇଟ୍ ଇମେଜ୍ ପ୍ରଦାନକାରୀ ସଂସ୍ଥା 'ଭାଚଂର' ପକ୍ଷରୁ ଏପ୍ରିଲ ୧୦ ଏବଂ ୧୧ ତାରିଖରେ ନିଆଯାଇଥିବା ଫଟୋରୁ ଚୀନର ଚାଲ୍ ସାମ୍ନାକୁ ଆସିଛି । ଏପ୍ରିଲ ୧୧ର ଚିତ୍ରରେ ଦେଖିବାକୁ ମିଳିଛି ଯେ, ସ୍କାରବୋରୋ ଶୋଲ୍‌ର ପ୍ରବେଶ ପଥରେ ଏକ ନୂତନ ଭାସମାନ ବ୍ୟାରିୟର୍ ଲମ୍ବା ଭାବେ ଲଗାଯାଇଛି, ଯାହାଫଳରେ ଅନ୍ୟ କୌଣସି ଜାହାଜ ଭିତରକୁ ପ୍ରବେଶ କରିପାରିବେ ନାହିଁ । ଏପ୍ରିଲ ୧୦ର ଫଟୋରେ ଶୋଲ୍ ?ର ପ୍ରବେଶ ପଥ ଠିକ୍ ବାହାରେ ଚୀନର ଏକ ସାମରିକ ନୌସେନା ଜାହାଜ କିମ୍ବା କୋଷ୍ଟ ଗାର୍ଡ ଜାହାଜ ପହରା ଦେଉଥିବା ଦେଖାଯାଇଛି । ଚାରୋଟି ଚାଇନିଜ୍ ମାଛଧରା ଡଙ୍ଗା ମଧ୍ୟ ସେହି ଅଚଂଳରେ ରହିଥିବା ସୂଚନା ମିଳିଛି । ଏହି ସାମୁଦ୍ରିକ ଅଚଂଳ ମାଛ ଧରିବା ପାଇଁ ଅତ୍ୟନ୍ତ ସମୃଦ୍ଧ, ଯାହା ଫିଲିପାଇନ୍ସର 'ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍' ଭିତରେ ଆସୁଛି । ମାତ୍ର ଚୀନ୍ ଏହାକୁ ନିଜର ବୋଲି ଦାବି କରି ଫିଲିପାଇନ୍ସର ମତ୍ସ୍ୟଜୀବୀଙ୍କୁ ସେଠାରୁ ଘଉଡ଼ାଇ ଦେଉଛି । ଫିଲିପାଇନ୍ସ ଏହାକୁ ଚୀନର 'ମାରିଟାଇମ୍ ମିଲିସିଆ'ର ଦାଦାଗିରି ବୋଲି ଅଭିଯୋଗ କରିଛି । ପ୍ରତିବାଦ କରିବାରୁ ଫିଲିପାଇନ୍ସ ମଧ୍ୟ ନିଜର ନୌସେନା ଜାହାଜ ସେଠାକୁ ପଠାଇଛି, ଯାହା ଫଳରେ ସାମୁଦ୍ରିକ ସଂଘର୍ଷର ଆଶଙ୍କା ବଢ଼ିଯାଇଛି । ବିଶେଷଜ୍ଞଙ୍କ ମତରେ, ଆମେରିକା ଏବେ ଇରାନ ଏବଂ ହୋର୍ମୁଜ ପ୍ରଣାଳୀକୁ ନେଇ ଅଧିକ ବ୍ୟସ୍ତ ଥିବାରୁ ଚୀନ୍ ଏହି ସମୟର ଫାଇଦା ଉଠାଉଛି । ଯଦିଓ ଆମେରିକା ଫିଲିପାଇନ୍ସ ସହ ମିଳିତ ସାମରିକ ଅଭ୍ୟାସ କରୁଛି, ତଥାପି ଚୀନ୍ ୨୦୧୬ର ଆନ୍ତର୍ଜାତୀୟ ନ୍ୟାୟାଳୟର ନିଷ୍ପତିକୁ ମାନିବାକୁ ମନା କରି ନିଜ ଜିଦ୍‌ରେ ଅଟଳ ରହିଛି ।

ଲେବାନନ-ଇସ୍ରାଏଲ ଯୁଦ୍ଧ ଶେଷ ହେବ

୩୪ ବର୍ଷ ପରେ ଶୁକ୍ରବାର ଶାନ୍ତି ଆଲୋଚନା : ଦାବି କଲେ ଟ୍ରମ୍ପ

ୱାସିଂଟନ,୧୬/୪: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି, ୩୪ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ସିଧାସଳଖ ଶାନ୍ତି ଆଲୋଚନା ଆରମ୍ଭ ହେବାକୁ ଯାଉଛି । ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପୋଷ୍ଟ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଆଲୋଚନା ନେଇ ମତେ କିଛି ଆଶ୍ୱସ୍ତି ମିଳିଛି । ଦୁଇ ଦେଶର ନେତା ପ୍ରାୟ ଦୀର୍ଘ ବର୍ଷ ଧରି କଥା ହୋଇନାହାନ୍ତି । ଏବେ ଏହି ଆଲୋଚନା ଶୁକ୍ରବାର ହେବାକୁ ଯାଉଛି । ଯାହା ଏକ ସକାରାତ୍ମକ ସଙ୍କେତ । ଏହା ମଧ୍ୟପ୍ରାଚ୍ୟରେ ଶାନ୍ତି ପାଇଁ ନୂତନ ଆଶା ପ୍ରଦାନ କରିପାରିବ । ଯଦି ଏହି ଆଲୋଚନା ଆଗକୁ ବଢ଼େ, ତେବେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଦୀର୍ଘ ଦିନ ଧରି ରହିଥିବା ଉତେଜନା ହ୍ରାସ ପାଇବାର ସମ୍ଭାବନା ରହିଛି । ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଦକ୍ଷିଣ ଲେବାନନରେ ନିରନ୍ତର ଅପରେସନ୍ ଚଳାଇଥିବାରୁ ଦୁଇ ଦେଶ ମଧ୍ୟରେ ପରିସ୍ଥିତି ବର୍ତ୍ତମାନ ଉତେଜନାପୂର୍ଣ୍ଣ ରହିଛି । ଏହି ସମୟରେ, ହେଜବୁଲ୍ଲା ମଧ୍ୟ ଇସ୍ରାଏଲ ଉପରେ ପ୍ରତିଶୋଧମୂଳକ ଭାବେ ରକେଟ ଆକ୍ରମଣ ଆରମ୍ଭ କରିଛି । ଫଳରେ ସୀମାବର୍ତୀ ଅଚଂଳରେ ସଙ୍କଟ ସୃଷ୍ଟି ହୋଇଛି । ଏହି ଖବର କ୍ଷେତ୍ରୀୟ କୂଟନୈତିକ ପ୍ରୟାସରେ ଉଷ୍ମତା ସୃଷ୍ଟି କରିଛି । ପୂର୍ବରୁ, ଇରାନ ଏବଂ ଆମେରିକା ଏକ ଅସ୍ଥାୟୀ ଅସ୍ତ୍ରବିରତି ପାଇଁ ଆଲୋଚନା କରିଥିଲେ, କିନ୍ତୁ ଇସ୍ରାଏଲ-ଲେବାନନ ପ୍ରସଙ୍ଗକୁ ସେହି ଚୁକ୍ତିନାମାରୁ ବାଦ୍ ଦିଆଯାଇଥିଲା । ଇରାନ କଡ଼ା ପ୍ରତିକ୍ରିୟା ପ୍ରକାଶ କରି ପରିସ୍ଥିତିକୁ ଅସ୍ତ୍ରବିରତିର ଉଲ୍ଲଂଘନ ବୋଲି କହିଥିଲା । ଉଲ୍ଲେଖଯୋଗ୍ୟ, ଇରାନ-ଆମେରିକା ଉତ୍ତେଜନା ମଧ୍ୟରେ ଇସ୍ରାଏଲ-ଲେବାନନ୍ ଆଲୋଚନା ଖବରକୁ ଆଚଂଳିକ ଶାନ୍ତି ଦିଗରେ ଏକ ସମ୍ଭାବ୍ୟ ମୋଡ଼ ଭାବରେ ଦେଖାଯାଉଛି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିଲ୍ଲା କଂଗ୍ରେସର ଡ଼ଃ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ପାଳିତ

କେନ୍ଦୁଝର,୧୬/୪(ନି/ପ୍ର): ବିଶିଷ୍ଟ ସମାଜ ସଂସ୍କାରକ, ଆଇନଜୀବି, ଅର୍ଥନୀତିଜ୍ଞ, ରାଷ୍ଟ୍ରନେତା, ପୂର୍ବତନ ପ୍ରଥମ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ତଥା ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼ଃ ଭୀମରାଓ ରାମଜି ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ କଂଗ୍ରେସ ଭବନରେ ଜ଼ିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ରଶ୍ମିରଞ୍ଜନ ଜେନାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ପ୍ରଥମେ କଂଗ୍ରେସ କର୍ମୀମାନେ ଜ଼ିଲ୍ଲାପାଳଙ୍କ କାର୍ଯାଳୟରେ ଥିବା ମହାପୁରୁଷ ମାନଙ୍କୁ ପୁଷ୍ପମାଲ୍ୟ ଦେଇଥିଲେ କ୍ଷଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଯୋଗ ଦେଇ ଆମ୍ବେଦକରଙ୍କ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ କ୍ଷ ଶ୍ରୀ ଜେନା କହିଥିଲେ ଦେଶରେ ଡ଼ଃ ଭୀମରାଓ ଆମ୍ବେଦକର ନଥିଲେ ଆଇନ କି ଗଣତନ୍ତ୍ର ନଥାନ୍ତା । ଦଳିତ, ଆଦିବାସୀ ଏବଂ ପଛୁଆବର୍ଗ ପାଇଁ ଆଜି ତାଙ୍କର ଅବଦାନ ଏକ ଅତୁଳନୀୟ। ବର୍ତମାନ ଦେଶରେ ବିଜେପି ସରକାର ଆଇନ, ଗଣତନ୍ତ୍ର ଓ ସମ୍ବିଧାନକୁ ନଷ୍ଟ କରାଯାଉଛି । ତେଣୁ ପ୍ରଥମେ ଏହାର ସୁରକ୍ଷା କଥା ଚିନ୍ତା କରିବା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ କେନ୍ଦୁଝର ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜ଼ିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ରାଜ୍ୟ ଦଳିତ କଂଗ୍ରେସ ସାଧାରଣ ସମ୍ପାଦକ ରଘୁନାଥ ପାତ୍ର, ଜ଼ିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଜଳ କୁମାର ସେଠି, କଂଗ୍ରେସ ନେତା ନିର୍ମଳ ନାଏକ, ରତ୍ନାକର ଜେନା,ଲୋକନାଥ ଟୁଡୁ, ମୁକୁନ୍ଦ ଚରଣ ମହାନ୍ତ, ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଆର୍ନ୍ତତ୍ରାଣ ଦାସ, ପ୍ରଦୀପ କୁମାର ଦାସ,ଯୁବ କଂଗ୍ରେସ ନେତା ପ୍ରକାଶ ସା, ସୁଶାନ୍ତ ଜେନା, ମଦନ ମୋହନ ମହାକୁଡ଼, ଅମିତ ରାଉତ, ଅର୍ଜୁନ ଜେନା, ସୁରେଶ ଜେନା, ରସାନନ୍ଦ ଜେନା, ଦୁଃଖବନ୍ଧୁ ରାଉତ, ସୁଶୀଲ ଜେନା, କାଳିଆ ଜେନା, ମୃତ୍ୟୁଞ୍ଜୟ ପ୍ରଧାନ, ହରେକୃଷ୍ଣ ସେଠି, ଶିଶିର କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ ସଦର ବ୍ଲକ କଂଗ୍ରେସ ସଭାପତି ଉତମ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

ସମ୍ପର୍କ ପରିବାର ପକ୍ଷରୁ ପଣା ବିତରଣ

କେନ୍ଦୁଝର,୧୬/୪(ନି/ପ୍ର): କେନ୍ଦୁଝର ଜିଲ୍ଲା କୋର୍ଟ ସମ୍ମୁଖସ୍ଥ ସମ୍ପର୍କ ପରିବାର ପକ୍ଷରୁ ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରତିବର୍ଷ ପରି ସୁସ୍ୱାଦୁ ପଣା ବିତରଣ କରାଯାଇଛି,ଜଣାଶୁଣା ସମାଜସେବୀ ସଭାପତି ରବୀନ୍ଦ୍ର କୁମାର ସେଠୀଙ୍କ ମାର୍ଗଦର୍ଶନ ରେ ପାଖାପାଖି ଅଢେଇ ହଜାର ନର ନାରୀ ପଥଚାରୀ ଙ୍କୁ ପଣା ବିତରଣ କରାଯାଇଥିଲା ଉପସଭାପତି ଦିନମଣୀ ବାରିକ, ସମ୍ପାଦକ ରମେଶ ଚନ୍ଦ୍ର ଜେନା, କୋଷାଧକ୍ଷ ନୀଳମଣି ସାହୁ ଓ ସମ୍ପର୍କ ପରିବାର ର ସଦସ୍ୟ ମାନେ ଏହି ପୁଣ୍ୟ କାର୍ଯ୍ୟ ରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ, ପୂର୍ବତନ ଓକିଲ ସଙ୍ଘ ସଭାପତି ଆଶିଷ ଚକ୍ରବର୍ତୀ, ବରିଷ୍ଠ ସାମ୍ବାଦିକ ତାପସ ରଥ, ଡାକ୍ତର ସଂଜୀବ ଓତା ପ୍ରମୁଖ ଉପସ୍ଥିତ ରହି ସମ୍ପର୍କ ପରିବାର କୁ ଉତ୍ସହହିତ କରିଥିଲେ ।

ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ବନ୍ଧୁ ମିଳନ ଉତ୍ସବ

ଭଦ୍ରକ,୧୬/୪(ନି/ପ୍ର): ଧାମନଗର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ମହାବିଷୁବ ସଂକ୍ରାନ୍ତି, ମହାବୀର ହନୁମାନ ଜୟନ୍ତୀ,ସମ୍ବିଧାନ ପ୍ରଣେତା ଭି,ରାଓ, ଆମ୍ବେଦକରଙ୍କ ଜୟନ୍ତୀ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି। ପରିଷଦର ସଭାପତି ଅନିଲ କୁମାର ବାରିକ ସଭାପତିତ୍ୱର ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସଲେଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା ଉଦେଶ୍ୟ ଜ୍ଞାପନ ଓ ଓଡ଼ିଆ ନବବର୍ଷର ତାତ୍ପର୍ଯ୍ୟ ଉଲ୍ଲେଖ କରିଥିଲେ। ଉପସଭାପତି ସୁରଥ ଚନ୍ଦ୍ର ସେଠୀ ଅତିଥି ମାନଙ୍କୁ ମଚଂ ଆମନ୍ତ୍ରଣ ସହ ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ କର,ମହେଶ୍ୱର ସ୍ୱାଇଁ, ଭାସ୍କର ଚନ୍ଦ୍ର ସାମଲ,ନିରାକାର ଧଳ,ଦଶରଥ ଦାସ,ଅଭିମନ୍ୟୁ ମଲ୍ଲିକ,ବିଦ୍ୟାଧର ରାଉତ, ଧନଞ୍ଜୟ ଦାସ, ଭୋଳାନାଥ ସାହୁ, ବିଶ୍ୱନାଥବେହେରା,ଲମ୍ବୋଦର ମହାନ୍ତି,ପ୍ରମୁଖ ଯୋଗ ଦେଇ ବିଜ୍ଞାନ ସହ ଆଧାତ୍ମ୍ୟ ଚିନ୍ତା ଓ ଚେତନା ଜଗତ ରେପରିବ୍ୟାପ୍ତ ହେଲେ ଆଜିର ଦିବସରମୂଲ୍ୟବୋଧ ସଫଳ ହେବ ବୋଲି ବକ୍ତବ୍ୟ ରଖିଥିଲେ। ପରିଷଦର ସାଙ୍ଗଠନିକ କ୍ଷେତ୍ରରେ ସଭ୍ୟ ସଂଖ୍ୟା ପ୍ରାୟ ୧୪୦୦ରୁ ଉର୍ଦ୍ଧ ଏବଂ ଏହା ଏକ ଭାଇଚାରାର ପ୍ରମୁଖ ସହର ହୋଇ ଥିବାରୁ ଅନ୍ୟ ଏକ ଉପସଭାପତି ପଦବୀ ସୃଷ୍ଟି କରାଗଲା। ସଭାପତି ଆନିଲ ବାରିକଙ୍କ ପ୍ରସ୍ତାବ କ୍ରମେ ଶଚୀକାନ୍ତ ପଣ୍ଡାଙ୍କ ସମର୍ଥନରେ ପରିଷଦର ନୂତନ ଉପସଭାପତି ଭାବେ ସେକ ଅବଦୁଲ ହାକିମଙ୍କୁ ଉପଢୌକନ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଘୋଷଣା କରିଥିବା ବେଳେ ସମସ୍ତେ କରତାଳି ମାଧ୍ୟମରେ ସ୍ୱାଗତ କରିଥିଲେ। ନୂତନ ଉପସଭାପତି ସେକ ହାକିମ ପରିଷଦର ସଭାପତି,ସମ୍ପାଦକଙ୍କ ସହ ସମସ୍ତ କର୍ମକର୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରି ଧନ୍ୟବାଦ ଜଣାଇବା ସହିତ ପରିଷଦର ଉନ୍ନତି ନିମନ୍ତେ ସବୁପ୍ରକାର ସାହାଯ୍ୟ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସାମ୍ବାଦିକ, ସମାଜସେବୀ ଓ ବୁଦ୍ଧିଜୀବୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଶେଷରେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

ଝୁମ୍ପୁରା,୧୬/୪(ନି/ପ୍ର): କେବଳ ଜଣେ ପୁରାତନ ଛାତ୍ର ଭାବରେ ନୁହେଁ ବରଂ ଏ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଆଜି ମୁଁ ମୋ ସ୍କୁଲ ପାଇଁ ଗର୍ବିତ। ଏହା ଥିଲା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କର ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ଅଭିଭାଷଣ। ଅଭିଭାଷଣ ସମୟରେ କେତେବେଳେ ସେ ହୋଇଯାଉଥିଲେ ଭାବବିହ୍ୱଳ, ତ କେତେବେଳେ ସେ ଖୁସିରେ ଗଦଗଦ ହୋଇ ଯାଉଥାଆନ୍ତି। ଝୁମ୍ପୁରା ମାଟି ଆଜି ମୁଖ୍ୟମନ୍ତ୍ରୀଙ୍କୁ ପାଇ ଆନନ୍ଦିତ ଥିବାବେଳେ ଝୁମ୍ପୁରା ହାଇସ୍କୁଲ ଉଲ୍ଲସିତ ହୋଇ ଉଠିଥିଲା ପାଖରେ ନିଜ ପୁରାତନ ଛାତ୍ର ତଥା ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ପାଇ। ନିଜ ଗୁରୁ ମାନଙ୍କୁ ପାଖରେ ଦେଖି ମୁଖ୍ୟମନ୍ତ୍ରୀ ପାଦଛୁଇଁ ପ୍ରଣାମ କରିବା ସହିତ, ସମସ୍ତ ଶିକ୍ଷକଙ୍କୁ ସମ୍ମାନିତ କରିଥିଲେ ଏବଂ ସହପାଠୀ ମାନଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷକମାନେ ମଧ ନିଜ ଆଦରର ଛାତ୍ର ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ସ୍ନେହରେ କୋଳାଗ୍ରତ କରୁଥାନ୍ତି।ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଝୁମ୍ପୁରା ଉଚ୍ଚ ବିଦ୍ୟାଳୟ ପାଇଁ ୨୦ କୋଟି ଟଙ୍କାର ଅର୍ଥରାଶି ଘୋଷଣା କରିଛନ୍ତି। ଏହି ଅର୍ଥ ବିଦ୍ୟାଳୟର ବହୁବିଧ ଉନ୍ନତୀକରଣରେ ଖର୍ଚ୍ଚ ହେବ। ୫୦୦ ସିଟର ଅଡିଟୋରିଅମ, ବହୁ ମହଲା ବିଶିଷ୍ଟ ବିଲଡିଂ, ଇଣ୍ଡୋର ଗେମ୍ ଫାସିଲିଟି, ସ୍କୁଲ ପାଚେରୀ, ସାଇକେଲ ଷ୍ଟାଣ୍ଡ ସମେତ ବିଭିନ୍ନ ଆବଶ୍ୟକୀୟ ସୁବିଧା ସମସ୍ତ ନିର୍ମାଣ ପାଇଁ ଏହି ଅର୍ଥ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଏବଂ ଆଉ ଅଧିକ ଅର୍ଥର ଆବଶ୍ୟକତା ହେଲେ ମଧ ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ପ୍ରଦାନ କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ଖୁବ ଶୀଘ୍ର କାନୁପୁର ବନ୍ଧ ଦେଇ ଝୁମ୍ପୁରାର ସମସ୍ତ ଚାଷ ଜମି ପାଇବେ ଜଳ। ରାଇକଳା ପଂଚାୟତକୁ ଲିଫ୍ଟ ଇରିଗେସନ ମାଧ୍ୟମରେ ଯିବ ପାଣି। ଖାଲି ଝୁମ୍ପୁରା ଲୋକେ ଇଚ୍ଛା କଲେ ଝୁମ୍ପୁରା ବହୁ ବିକଶିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ପୁରାତନ ଶିକ୍ଷକ, ସଫଳ ପୁରାତନ ଛାତ୍ର ଓ ବର୍ତ୍ତମାନର ସଫଳ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଯୋଜନା ବୋର୍ଡର ଅଧକ୍ଷ ଡଃ ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଉନ୍ନୟନ କମିଟିର ଅଧକ୍ଷା ମମିତା ନାଏକ, କେନ୍ଦୁଝର ଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁ, ହୀରକ ଜୟନ୍ତୀ ସମାରୋହର ଅଧକ୍ଷ ଦେବବ୍ରତ ବେହେରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ, ହୀରକ ଜୟନ୍ତୀର ସଭାପତି ଶ୍ରୀକାନ୍ତ ନାଏକ ଓ ମୁଖ୍ୟବକ୍ତା ଚିନ୍ମରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଓଡିଆ ଶିଶୁ ପତ୍ରିକା ବଂଟନ

ବଲାଙ୍ଗିର,୧୬/୪(ନି/ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ମାତୃଭୂମି ଓ ମାତୃଭାଷା ପରିବାରର ମିଳିତ ସହଯୋଗରେ ତିନିଦିନ ଧରି ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଏବଂ ସାରସ୍ୱତ ଆସର କୋରାପୁଟ ଜିଲ୍ଲାର କୋଟିଆଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ତଥା ଆନ୍ଧ୍ର ସୀମାନ୍ତବର୍ତ୍ତୀ କୋଟିଆରେ ଓଡିଆ ଭାଷାପ୍ରୀତି ଓ ମାତୃଭୂମିକୁ ସମ୍ମାନ ଜଣାଇ ଓଡ଼ିଆ ନବବର୍ଷ ପାଳିତ ହୋଇଥିଲା ।

ଯୁବ କଂଗ୍ରେସ୍ ତରଫରୁ ଦହିପଣା ବଂଟନ

କେନ୍ଦୁଝର,୧୬/୪(ନି/ପ୍ର): ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି, ମହାବୀର ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଙ୍କ ଆହ୍ୱାନରେ ଯୁବ କଂଗ୍ରେସ୍ ତରଫରୁ ତେଲକୋଇ ମୁଖ୍ୟ ବଜାର ପେଣ୍ଡାଲ ନିକଟରେ ଦହିପଣା ତେଲକୋଇ ବିଧାନସଭା ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ରଙ୍କ ନେତତ୍ୱରେ ବଂଟନ କରଗଲା । ବରିଷ୍ଠ କଂଗ୍ରେସ ନେତା ଟଙ୍କଧର ପ୍ରଧାନ ଓ ଦୁର୍ଯ୍ୟୋଧନ ବିଶ୍ୱାଳ ପ୍ରଥମେ ଲୋକମାନଙ୍କୁ ଦହିପଣା ବଂଟନ କରି ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦିଲୀପ କୁମାର ସାହୁ ପୂର୍ବତନ ତେଲକୋଇ ବ୍ଲକ ସଭାପତି, ବରିଷ୍ଠ କଂଗ୍ରେସ ନେତା ଅରକ୍ଷିତ ପ୍ରଧାନ,ଅକ୍ଷୟ କୁମାର ସାହୁ, ଚନ୍ଦ୍ରମଣି ସାହୁ, ବିଭୂତି ସାହୁ, ମଧୁସୂଦନ ବାରିକ, ନୀଳମଣି ସାହୁ, ଅନ୍ତର୍ଯ୍ୟାମୀ ପାତ୍ର, ହେମନ୍ତ ବିଶ୍ୱାଳ,ଯୁବ କଂଗ୍ରେସ ନେତା ଦୀପକ ମୁଖି, ଲିପୁନ ବେହେରା, ବିଜୟ ବେହେରା, ବରୁଣ ପ୍ରଧାନ, ସୁବାସନ ପ୍ରଧାନ, କପିଳେନ୍ଦ୍ର ପ୍ରଧାନ, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

ଚମ୍ପୁଆ ପଂଚାୟତ ସମିତିରେ ରକ୍ତଦାନ ଶିବିର

ଚମ୍ପୁଆ,୧୬/୪(ନି/ପ୍ର):ଚମ୍ପୁଆ ପଂଚାୟତ ସମିତିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତାଦାନ ଶିବିରକୁ ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଚମ୍ପୁଆ ଏସଡିଏମଓ ବି.କେ ଦାସ, ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଓମପ୍ରକାଶ ବାରିକ, ବ୍ଲକବ୍ୟାଙ୍କ ଅଧିକାରୀ ସ୍ମୃତିରଞ୍ଜନ ମଲ୍ଲିକ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚୁନୁ ହାଁସଦା, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଝରଣା ମହାନ୍ତ, ମମତା ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏଥିରେ ପଂଚାୟତ ସମିତିର ୨୨ଗୋଟି ଗ୍ରାମପଂଚାୟତର ସରପଂଚ, ସମିତି ସଭ୍ୟ ସଭ୍ୟା, ପିଇଓ, ଏଡିଓ, ବ୍ଲକର କର୍ମକର୍ତା ଆଦି ଯୋଗଦାନ କରି ପ୍ରାୟ ୪୯ ୟୁନିଟ ରକ୍ତ ନମୁନା ସ୍ୱେଚ୍ଛାକୃତ ଭାବେ ଦାନ କରିଥିଲେ । ଓଡିଆ ଅସ୍ମିତା ପକ୍ଷ ପାଳନ ଅବସରରେ ସରକାରଙ୍କ ପକ୍ଷରୁ ବହୁବିଧ କାର ?ୟ୍ୟକ୍ରମ ଗ୍ରହଣ କରାଯାଉଥିବା ବେଳେ ଆଜି ପଂଚାୟତ ସମିତି ପକ୍ଷରୁ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ।

ସମ୍ବିଧାନ ପ୍ରଣେତା ଡଃ ବି.ଆର ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

'ବାବା ସାହେବ ଆମ୍ବେଦକରଙ୍କ ଜୀବନାଦର୍ଶ ଉତରପୀଢ଼ିଙ୍କ ପାଇଁ ଶ୍ରେଷ୍ଠ ପ୍ରେରଣା' :ସାଂସଦ

ଭଦ୍ରକ, ୧୬/୪(ନି/ପ୍ର): ଭାରତୀୟ ସମ୍ବିଧାନର ଜନକ, ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଆଜି ସକାଳ ୧୦:୩୦ ଘଟିକା ସମୟରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ବାବା ସାହେବଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି କହିଥିଲେ ଯେ, 'ଆଦର୍ଶ, ତ୍ୟାଗ ଓ ଶ୍ରେଣୀବିହୀନ ସମାଜ ଗଠନ ପାଇଁ ଡଃ ଆମ୍ବେଦକରଙ୍କ ସଂଗ୍ରାମ ଚିରଦିନ ପାଇଁ ଅଭୁଲା ରହିବ। ସମାଜରୁ ଭେଦଭାବ ଓ ଅସ୍ପୃଶ୍ୟତା ଦୂର କରିବାରେ ତାଙ୍କର ଅବଦାନ ମହାନ। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ସମ୍ବିଧାନ ପ୍ରଣୟନରେ ତାଙ୍କର ଅବଦାନ ଅତୁଳନୀୟ ' । ଏହି ସଭାର ସଭାପତିତ୍ୱ କରୁଥିବା ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗ ଦେଇ କହିଥିଲେ ଡଃ ଆମ୍ବେଦକର ଜଣେ ମହାନ୍ ଚିନ୍ତାନାୟକ, ରାଷ୍ଟ୍ରନାୟକ ଓ ପ୍ରଜ୍ଞାର ପ୍ରତୀକ ଭାବେ ଅଭିହିତ। ସେ କହିଥିଲେ ଯେ, ବାବା ସାହେବଙ୍କ ଉଚ୍ଚ ଆଦର୍ଶ ଓ ମାନବୀୟ ମୂଲ୍ୟବୋଧର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କର ମାନସିକତା ରହିବା ଉଚିତ। ସମାଜରୁ ଅସ୍ପୃଶ୍ୟତା ଓ ଭେଦଭାବ ଦୂର କରି ଏକ ସୁସ୍ଥ ତଥା ସମତାଭିତିକ ସମାଜ ଗଠନ କରିବା ଥିଲା ବାବା ସାହେବଙ୍କ ପ୍ରଧାନ ଲକ୍ଷ୍ୟ। ସହରାଂଚଳ ହେଉ କି ଗ୍ରାମାଂଚଳ, ପ୍ରତ୍ୟେକ ନାଗରିକ ନିଜର ସାମ୍ବିଧାନିକ ଅଧିକାର ଓ କର୍ତବ୍ୟ ବିଷୟରେ ସଚେତନ ହେବା। ଏହି ଅବସରରେ ମୁଖ ବକ୍ତା ଭାବେ ଦଳିତ ମହାସଂଘର ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା କହିଥିଲେ,'ଆଧୁନିକ ଭାରତର ନିର୍ମାଣରେ ବାବା ସାହେବଙ୍କ ଦୂରଦୃଷ୍ଟି ଅତୁଳନୀୟ। ବିଶେଷ କରି ମହିଳା ସଶକ୍ତିକରଣ ଓ ଦଳିତ ଶ୍ରେଣୀର ଉତାନ ପାଇଁ ସେ ଯେଉଁ ପଥ ପ୍ରଦର୍ଶନ କରିଛନ୍ତି, ତାହା ଅନନ୍ୟ। ତାଙ୍କର ଜୀବନାଦର୍ଶ ଓ ଜ୍ଞାନ ଗାରିମା ଆଗାମୀ ଯୁବପିଢ଼ିଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।' ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ କହିଥିଲେ 'ଶିକ୍ଷା ହିଁ ସମସ୍ତ ପରିବର୍ତନର ମୂଳଦୁଆ ବୋଲି ବାବା ସାହେବ ସର୍ବଦା ବିଶ୍ୱାସ କରୁଥିଲେ। ତାଙ୍କ ପ୍ରଦର୍ଶିତ 'ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ କର' ମନ୍ତ୍ର ଆଜିର ପ୍ରଶାସନିକ ବ୍ୟବସ୍ଥା ଓ ସମାଜ ଗଠନ ପାଇଁ ଏକ ଅନନ୍ୟ ଦିଗଦର୍ଶନ ଏବଂ ଆଜି ବି ପ୍ରଗତିର ମୂଳଦୁଆ।' ଏହି ଅବସରରେ, ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଚନ୍ଦ୍ରକାନ୍ତ ନାୟକ କହିଥିଲେ, 'ସମାଜରୁ ଭେଦଭାବ ଦୂର କରି ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ହିଁ ବାବା ସାହେବଙ୍କ ପ୍ରତି ପ୍ରକୃତ ସମ୍ମାନ।' ତ୍ୟାଗଭୂମିର ସଭାପତି ଅଜୟ କୁମାର ନାୟକ ବାବାସାହେବଙ୍କ ଜୀବନଶୈଳୀ ଓ ତ୍ୟାଗରୁ ଯୁବ ପିଢ଼ିମାନେ ପ୍ରେରଣା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ସୁଚାରୁରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟାଳୟର କର୍ମଚାରୀ ମୀନାକ୍ଷୀ ଗରାବଡୁ ଅତିଥିମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ଶିର୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହିସମାରୋହରେ ବିଭିନ୍ନ ସମାଜସେବୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

ଟ୍ରାଭେଲର ବସ୍ ଗଛକୁ ପିଟି ହୋଇ ୧୪ ଯାତ୍ରୀ ଗୁରୁତର,୧ ମୃତ

ସିମୁଳିଆ,୧୬/୪(ନି/ପ୍ର):ବାଲେଶ୍ୱରଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ମାଟିଆପଡ଼ା ନିକଟରେ ଦୁର୍ଘଟଣାରେ ୧୪ଜଣ ଗୁରୁତର ଆହତ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଯାଇଛି । ସୂଚନା ଅନୁଯାୟୀ ଭୁବନେଶ୍ୱର ଡୁମଡୁମା ଅଚଂଳରୁ କିଛି ଲୋକ କଲିକତାକୁ ଏକ ବିବାହ କାର୍ଯ୍ୟରେ ଯୋଗ ଦେବା ପାଇଁ ଯାଇଥିଲେ। ବିବାହ କାର୍ଯ୍ୟ ସାରି ସେଠାରୁ ଏକ ଟ୍ରାଭେଲର ଯୋଗେ ଫେରୁଥିବା ସମୟରେ ସିମୁଳିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ମାଟିଆପଡା ଛକ ନିକଟରେ ଗାଡି ଚାଳକର ନିଦ ଲାଗିଯିବାରୁ ଭାରସାମ୍ୟ ହରାଇ ନୟନଯୋରୀକୁ ଓଲଟି ଗଛକୁ ପିଟି ହୋଇ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏଥିରେ ଶୋଏବ ଅନସାରୀ ଅନାମକ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ ଛୋଟ ପିଲାଙ୍କ ସମେତ ୧୪ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ପଠାଯାଇଥିଲା । ତେବେ ସ୍ୱାସ୍ଥ୍ୟ ଅଧିକ ଗୁରୁତର ହେବାରୁ ଭଦ୍ରକ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ସିମୁଳିଆ ପୋଲିସ ପହଚିଂ ତଦନ୍ତ ଜାରି ରଖିଛି।

ରେଙ୍ଗାଲଜୁରୀ ଓ ଚଙ୍ଗରିଆ ଗାଁରେ କୂଆପଥର କ୍ଷତିଗ୍ରସ୍ତଅଚଂଳରେ ଉପମୁଖ୍ୟମନ୍ତ୍ରୀ

ଧଣ୍ଡାମୁଣ୍ଡା,୧୬/୪(ନି/ପ୍ର): ବଲାଙ୍ଗୀର ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଚାଂୟତ ରେଙ୍ଗାଲଜୁରୀ ଓ ଚଙ୍ଗରିଆ ଗାଁ ରେ ଗତ ୬ ହୋଇଥିବା ପ୍ରବଳ ଝଡ଼ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। ଏହାଦ୍ୱାରା ଅଚଂଳରେ ଏକାଧିକ ବ୍ୟକ୍ତି ଆହତ ହୋଇଥିବା ବେଳେ ଅନେକ ଘର ନଷ୍ଟ ହୋଇଥିଲା। ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଆଜି ଏହି କ୍ଷତିଗ୍ରସ୍ତ ଅଂଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗସ୍ତ କରି କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ସହାୟତା ନିମନ୍ତେ ଆଶ୍ୱସନା ଦେଇଛନ୍ତି। କୁଆପଥର ମାଡ଼ ରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ସରକାରୀ କ୍ଷତିପୂରଣ ମିଳିନଥିଲା । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦିନକୁ ଦିନ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଥିଲା। ଖବର ପାଇ ଆଜି ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଧ୍ୟାହ୍ନ ସମୟରେ ଉଭୟ ଗାଁ କୁ ଯାଇ କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏହି ଗସ୍ତ ବେଳେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ତହସିଲଦାର ଆନନ୍ଦ ପଣ୍ଡା, ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସୁବ୍ରତ ଭୋଇ ନିକଟରେ ଉପସ୍ଥିତ ଥିଲେ। ପୂର୍ବରୁ କ୍ଷୟକ୍ଷତିର ଆକଳନ ଉପଯୁକ୍ତ ଭାବରେ କରାଯାଇନଥିବା ନେଇ ଉଭୟ ଗାଁର କ୍ଷତିଗ୍ରସ୍ତ ପରିବାର ଓ ଚାଷୀ ଉପମୁଖ୍ୟମନ୍ତ୍ରୀ ଶ୍ରୀସିଂଦେଓଙ୍କ ଦୃଷ୍ଟି ଆର୍କଷଣ କରିଥିଲେ ଏବଂ ଲିଖିତ ଭାବରେ ଅବଗତ କରାଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ପହଚିଂବା ଖବର ପାଇଁ କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କ ସହ ଗାଁର ଆବାଳବୃଦ୍ଧବନିତା ସମସ୍ତେ ଏକ ବଡଧରଣର ଆଶା ରଖି ତାଙ୍କ ସମ୍ମୁଖକୁ ପହଚିଂ ଥିଲେ। ଗ୍ରାମବାସୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଆଲୋଚନା କରିବା ସମୟରେ ପୂର୍ବରୁ ହୋଇଥିବା କ୍ଷୟକ୍ଷତିର ଆକଳନ ସର୍ବସମ୍ମୁଖରେ ଉପଜିଲ୍ଲାପାଳ ଶ୍ରୀ ମେହେରଙ୍କୁ ପଢିଶୁଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ କ୍ଷୟକ୍ଷତିର ଆକଳନ ପ୍ରଶାସନିକ ସ୍ତରରେ ଠିକ୍ ଭାବରେ କରାଯାଇନଥିବା ନେଇ ତଦନ୍ତ ରିପୋର୍ଟ ରୁ ଗ୍ରାମବାସୀ ମାନେ ଜାଣିବାକୁ ପାଇଥିଲେ। ଯାହାକୁ ନେଇ ଘଟଣା ସ୍ଥଳରେ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ପରେ ଗ୍ରାମବାସୀ ମାନେ ପୁର୍ନବାର କ୍ଷୟକ୍ଷତିର ଆକଳନ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀସିଂଦେଓଙ୍କୁ ନିବେଦନ କରିବା ସହ ଗ୍ରାମବାସୀଙ୍କ ତରଫରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା।

ବିବିଧା

ଆଜିର ରାଶିଫଳ

ମେଷ: ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ।

ବୃଷ: ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଆର୍ଥିକ ସମସ୍ୟା ଦୂର ହୋଇପାରେ। ବ୍ୟବସାୟରେ ସଂଯମତା ରକ୍ଷା କରିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

ମିଥୁନ: ଅଫିସରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

କର୍କଟ: ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବ୍ୟବସାୟରେ ଲାଭ ହେବ।

ସିଂହ: ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଯୋଗାଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। କାର୍ଯ୍ୟକ୍ଷେତ୍ରରେ ନିବେଶ କରିବେ।

କନ୍ୟା: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ।

ତୁଳା: ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟ ଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧାର କରଜରୁ ଦୂରେଇ ରହିବେ। ପିଲାମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

ବିଛା: ଦିନଟିରେ କର୍ମବ୍ୟସ୍ତ ରହିବେ। ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

ଧନୁ: ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜବୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ।

ମକର: ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାରରେ ହସଖୁସି ଲାଗି ରହିବ।

କୁମ୍ଭ: ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହେବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

ମୀନ: ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

ଆଜିର ଇତିହାସ

- ୧୮୫୩- ଭାରତର ପ୍ରଥମ ଟ୍ରେନ୍ ମୁମ୍ବାଇ ଓ ଥାଣେ ମଧ୍ୟରେ ଚାଲିଲା।
- ୧୮୮୯- ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଜନ୍ମ।
- ୧୯୪୫- ଜର୍ମାନ୍ ଶରଣାର୍ଥୀ ପୋତ ବୁଡ଼ିଯିବାରୁ ୭୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୬୪- ବ୍ରିଟେନ୍‌ର ଚର୍ଚ୍ଚିତ 'ଗ୍ରେଟ୍ ଟ୍ରେନ୍ ଡକାୟତି' ମାମଲାରେ ୧୨ ଅପରାଧୀଙ୍କୁ ୩୦୭ ବର୍ଷ ଦଣ୍ଡ ଶୁଣାଗଲା।
- ୨୦୦୨- ଦକ୍ଷିଣ କୋରିଆରେ ବିମାନ ଦୁର୍ଘଟଣାରେ ୧୨୦ ଲୋକଙ୍କର ମୃତ୍ୟୁ ହୋଇଥିଲା।

ନିଃସଙ୍ଗ ଯନ୍ତ୍ରଣା: ଟଙ୍କା ନୁହେଁ ସମୟ ଦରକାର

ସାମାଜିକ ଗଣମାଧ୍ୟମରେ ଏବେ ଜଣେ ବୟସ୍କ ଅଟୋ ଚାଳକଙ୍କ ଭିଡିଓ ଭାଇରାଲ ହେଉଛି। ସେ ଏକଲାପଣରେ ଏମିତି ଏକ ପରିଭାଷା ଦେଇଛନ୍ତି, ଯାହାକି ବେଶ୍ ହୃଦୟସ୍ପର୍ଶୀ ହେବା ସହ ସମସ୍ତଙ୍କ ଆଖିରେ ଲୁହ ଆଣି ଦେଉଛି। ସେହିପରି ଭିଡିଓଟିରେ ଡ୍ରାଇଭର ଜଣକ ବୟସ ୬୦ ବର୍ଷ ପାଖାପାଖି ଲାଗୁଛି। ଏହାସତ୍ତ୍ୱେ ବି ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରନ୍ତି। ତେବେ ଜଣେ ଯାତ୍ରୀ ତାଙ୍କୁ ପ୍ରଶ୍ନ କରିଛନ୍ତି, ଏତେ ବୟସରେ ଏମିତି ପରିଶ୍ରମ କାହିଁକି କରୁଛନ୍ତି? ଅଟୋ ଚାଳକ ଜଣକ ଉତ୍ତର ଦେଇଥିଲେ, ଏବେ କାମ ସେ ଟଙ୍କା ରୋଜଗାର କରିବା ପାଇଁ ନୁହେଁ, ବରଂ ସମୟ ଅତିବାହିତ କରିବା ଉଦ୍ଦେଶ୍ୟରେ କରୁଛନ୍ତି। ଏହି ସମୟରେ ଅଟୋ ଚାଳକ ଜଣକ ତାଙ୍କ ଜୀବନ ବିଷୟରେ ମଧ୍ୟ କହିଥିଲେ। ଅଟୋ ଚାଳକଙ୍କ କହିବାନୁସାରେ, ତାଙ୍କ ବାହାଘରର ୩୦ ବର୍ଷରୁ ଅଧିକ ସମୟ ହୋଇ ଗଲାଣି। ତାଙ୍କର ତିନି ଝିଅ। ସେମାନେ ଅଲଗା ଅଲଗା ସହରରେ ରହନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, 'ବର୍ଷ ବର୍ଷ ଧରି ଅଟୋ ଚଳାଇ ବିଳମ୍ବିତ ରାତିରେ ଘରକୁ ଫେରିବା ପରେ ତାଙ୍କ ସ୍ତ୍ରୀ ସହ ଏକାଠି ଖାଉଥିଲେ। ହେଲେ ଏବେ ତାଙ୍କ ସ୍ତ୍ରୀ ଏ ଦୁନିଆରେ ନାହାନ୍ତି। ସେ ଏବେ ସମ୍ପୂର୍ଣ୍ଣ ଏକୁଟିଆ। ତେଣୁ ଏହି ଏକାକୀତ୍ୱ ତାଙ୍କୁ ଘରକୁ ଶୀଘ୍ର ଫେରିବାକୁ ଆଉ ବାଧ୍ୟ କରୁନାହିଁ।' ସେହିପରି ଯାତ୍ରୀ ଜଣକ ପଚାରିଲେ, ଏବେ ଘରକୁ ଯିବେ ତ? ଏହାର ଉତ୍ତରରେ ସେ କହିଲେ, 'ଘରେ କିଏ ଅପେକ୍ଷା କରିଥିଲେ ସିନା ଶୀଘ୍ର ଯିବା ଦରକାର ପଡ଼ିବ!' ଅଟୋ ଚାଳକଙ୍କ ଏହି କଥା ଲୋକଙ୍କୁ ଭାବପ୍ରବଣ କରି ଦେଇଛି। ତା'ସହ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

'ଅପରେସନ୍ ସିନ୍ଦୂର'ରେ ବରୁଣଙ୍କ ଏଣ୍ଟ୍ରି



୨୦୨୨ରେ 'ଦ କାଶ୍ମୀର ଫାଇଲ୍ସ' ଫିଲ୍ମ ଆଣି ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ଏକ ନୂଆ ଫିଲ୍ମ ନେଇ ଆସୁଛନ୍ତି। ଏହାର ଟାଇଟେଲ୍ 'ଅପରେସନ୍ ସିନ୍ଦୂର' ରଖାଯାଇଛି। ଭୂଷଣ କୁମାରଙ୍କ ସହ ମିଶି ବିବେକ ଏହି ଫିଲ୍ମ ନିର୍ମାଣ କରୁଛନ୍ତି। ଏଥିରେ ବରୁଣ ଧୱନ୍ ଲିଡ୍ ରୋଲରେ ନଜର ଆସିବେ। ସବୁବେଳେ ରୋମାଣ୍ଟିକ୍ ଫିଲ୍ମରେ ଅଭିନୟ କରୁଥିବା ବରୁଣ ଦେଶପ୍ରେମ ଉପରେ ଆଧାରିତ ଫିଲ୍ମ 'ବର୍ଡର ୨'ରେ ଅଭିନୟ କରି ଏବେ ନିଜର ଏକ ସ୍ୱତନ୍ତ୍ର ଇମେଜ୍ ତିଆରି କରିଛନ୍ତି। ସେବେଠାରୁ ବରୁଣଙ୍କୁ ଯୁଦ୍ଧ ଓ ସେନା ଉପରେ ଆଧାରିତ ଫିଲ୍ମର ଅଫର୍ ଆସୁଛି। ବରୁଣ ଏବେ ବିବେକ ଓ ଭୂଷଣଙ୍କ ଏହି ଫିଲ୍ମ ପାଇଁ ଆଗ୍ରହ ଦେଖାଇଥିବା ଜଣାପଡ଼ିଛି। ହେଲେ ବି ଏଯାବତ୍ ଫିଲ୍ମ ସାଇନ୍ କରିନାହାନ୍ତି। ଫିଲ୍ମ କାହାଣୀ ଶୁଣିବା ପରେ ହିଁ ସେ ଏନେଇ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ବିବେକଙ୍କ 'ଅପରେସନ୍ ସିନ୍ଦୂର' ଭାରତୀୟ ସେନା ପକ୍ଷରୁ ଚଳାଯାଇଥିବା 'ଅପରେସନ୍ ସିନ୍ଦୂର' ଉପରେ ଆଧାରିତ। ବରୁଣ ଏବେ ତାଙ୍କ ଆଗାମୀ ଫିଲ୍ମ 'ହେ ଜବାନି ତୋ ଇଶ୍କ ହୋନା ହୈ' ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହା ଜୁନ୍ ୨୨ରେ ରିଲିଜ୍ ହେବ।

ପାଟିରେ ପଶିଲା ଆକ୍ୱାରିୟମ୍ ମାଛ



ଇନ୍ଦୋରରେ ଏକ ବର୍ଷକର ପିଲା ସହ ଏକ ବିଚିତ୍ର ଘଟଣା ଘଟିଛି। ଘରେ ପିଲାଟିର ବଡ଼ ଭାଇ-ଭଉଣୀ ଆକ୍ୱାରିୟମ୍ ସଫା କରୁଥିଲେ। ସେମାନେ ନେଟ୍ ସାହାଯ୍ୟରେ ଆକ୍ୱାରିୟମ୍‌ରେ ଥିବା ରଙ୍ଗୀନ ମାଛଗୁଡ଼ିକୁ ବାହାର କରି ଖେଳୁଥିଲେ। ଏହି ସମୟରେ ଅଚାନକ ଗୋଟିଏ ମାଛ ତଳେ ପଡ଼ି ବର୍ଷକର ଶିଶୁଟି ହସୁଥିବା ବେଳେ ତା'ର ପାଟିରେ ପଶି ଯାଇଥିଲା। ଏହାପରେ ତୁରନ୍ତ ପରିବାର ଲୋକେ ପିଲାଟିକୁ ମହାରାଜା ଯଶବନ୍ତରାଓ ହସ୍ପିଟାଲକୁ ନେଲେ। ଡାକ୍ତର ପରୀକ୍ଷା କରି ଜାଣିବାକୁ ପାଇଥିଲେ ଯେ, ତିନି ଇଞ୍ଚର ଏକ ମାଛ ଶିଶୁଟିର ଗଳାରେ ପଶି ରହିଛି। ଏହାସହ ମାଛଟି ପିଲାଟିର ଶ୍ୱାସନଳୀକୁ ଅବରୁଦ୍ଧ କରି ଦେଇଥିଲା। ମାଛଟି ଜୀବିତ ଥିବା ସହ ଲଗାତାର ହଲୁଥିବାରୁ ଏଥିରେ ପିଲାଟିର ଗଳାରେ ଆଘାତ ଲାଗିଥିଲା। ପିଲାଟିର ପାଟିରୁ ରକ୍ତ ଏବଂ ଲାଳ ବାହାରୁଥିଲା। ନିଃଶ୍ୱାସପ୍ରଶ୍ୱାସ ନେବାରେ ତାକୁ କଷ୍ଟ ହେଉଥିବାରୁ ସେ ଏନେଇ ଭୟଭୀତ ଥିଲା। ପିଲାଟିର ଅବସ୍ଥା ଗୁରୁତର ଥିବା ଜାଣି ଏକ ଇଏନ୍‌ଟି ଡାକ୍ତରୀ ଦଳ ଟିମ୍ ତୁରନ୍ତ ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟା ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଲା। ସର୍ଜରୀ ସଫଳ ହୋଇଥିଲା ଓ ପିଲାଟିର ଗଳାରୁ ମାଛଟିକୁ ବାହାର କରାଯାଇଥିଲା। ଅବଶ୍ୟ ମାଛଟି ସେତେବେଳକୁ ମରିଯାଇଥିଲା। ପିଲାଟି ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏନେଇ ଡାକ୍ତରଙ୍କ କହିବା କଥା, 'ଏଭଳି ମାମଲା ଖୁବ୍ ବିରଳ। ଅବଶ୍ୟ ଏହା ଛୋଟ ପିଲାଙ୍କ ପାଇଁ ଖୁବ୍ ବିପଜ୍ଜନକ ହୋଇପାରେ କାରଣ ସେମାନଙ୍କ ଶ୍ୱାସନଳୀ ବେଶ୍ ପତଳା ହୋଇଥାଏ। ଏଥିରେ ଟିକେ ବି ଅବହେଳା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ।

ପରିଚୟ ଦେଇଛି କଳାକୃତି

କାନ୍‌ଭାସ୍‌ରେ ଚିତ୍ର ଆଙ୍କି ଏସିଆ ବୁକ୍ ଅଫ୍ ରେକର୍ଡ



ଭୁବନେଶ୍ୱରରେ ରହୁଥିବା ୨୬ ବର୍ଷିୟା ଗାୟତ୍ରୀ ମହାଶିବରାତ୍ରି ଅବସରରେ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ କାନ୍‌ଭାସ୍‌ରେ ମହାଦେବଙ୍କ ଚିତ୍ର ଅଙ୍କନ କରି ଏସିଆ ବୁକ୍ ଅଫ୍ ରେକର୍ଡ କରିଛନ୍ତି। ଚିତ୍ରକଳା ମାଧ୍ୟମରେ ସେ ଭକ୍ତି ଏବଂ କଳାର ଏକ ନିଆରା ସଙ୍ଗମ ପ୍ରଦର୍ଶିତ କରିଥିଲେ। ତେବେ ସେ ଆକ୍ରିଲିକ୍ ରଙ୍ଗ ବ୍ୟବହାର କରି ୪ ରୁ ୬ ଫୁଟ୍ କାନଭାସରେ ଏହି କଳାକୃତି କରିଥିଲେ। ଏହାପରେ ସେ ଏସିଆ ବୁକ୍ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ ଏବଂ ସଫଳ ହୋଇଥିଲେ। ପ୍ରଥମ ପ୍ରୟାସରେ ଏହି ରେକର୍ଡ କରିବା ଗାୟତ୍ରୀଙ୍କୁ ଏକ ନିଆରା ଅନୁଭୂତି ଦେଇଛି। ଏଥିପାଇଁ ସେ ଚାରିମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥିଲେ। କୌଣସି ସ୍ଥାନରୁ ପ୍ରଶିକ୍ଷଣ ନ ନେଇ ସ୍ୱତଃ ପ୍ରବୃତ୍ତ ଭାବ ଚିତ୍ର ଆଙ୍କିଥିଲେ। ଯାହା ତାଙ୍କୁ ଏହି ସଫଳତା ଦେଇଛି।

ଚିତ୍ରକଳା ପାଇଁ ସେ ଦୈନିକ ସାତରୁ ଆଠଘଣ୍ଟା ସମୟ ଦେଇଥାନ୍ତି। ଏଥିପାଇଁ ତାଙ୍କ ପରିବାର ଲୋକ ମଧ୍ୟ ତାଙ୍କୁ ପ୍ରତିଟି କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତି। ତାଙ୍କ ନିର୍ମିତ କଳାକୃତିଗୁଡ଼ିକ ୨୦୦୦ ଟଙ୍କାରୁ ଆରମ୍ଭ କରି ୪୦-୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଲୋକମାନେ ଦେଉଥିବା ଅର୍ଡର ଅନୁସାରେ, ସେ ବିଭିନ୍ନ ଚିତ୍ର ଅଙ୍କନ କରିଥାନ୍ତି। ଏହାକୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ବିକ୍ରି କରନ୍ତି। ଏଥିସହ ବିଭିନ୍ନ ସପିଙ୍ଗ୍ ମଲ, ପଥଉତ୍ସବ, ବିଦ୍ୟାଳୟ ଆଦିରେ ସେ ଲାଇଭ ସ୍କ୍ରିନିଂ ମଧ୍ୟ କରନ୍ତି। ସେହିପରି ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ମଧ୍ୟ ଏହି ଚିତ୍ରାଙ୍କନ ଶିକ୍ଷା ଦେଉଥାନ୍ତି। ଚିତ୍ରକଳାକୁ ଜୀବନର ବ୍ରତ କରିଥିବା ଗାୟତ୍ରୀ କୁହନ୍ତି, ସେ ନିଜ ପ୍ରତିଭାକୁ ଏହାକୁ କେବଳ ରାଜ୍ୟ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାରେ ଲକ୍ଷ୍ୟ ରଖିଛନ୍ତି। ଏହା ପୂର୍ବରୁ ସେ ପ୍ରଥମେ ଚାରିଧାମରେ ନିଜର କଳା ପ୍ରଦର୍ଶିତ କରିବାକୁ ଆଶା କରିଛନ୍ତି।

ପିଲାବେଳୁ ପାରମ୍ପରିକ ଚିତ୍ରକଳା ପ୍ରତି ତାଙ୍କର ଥିଲା ଅନାବିଳ ଆଗ୍ରହ। ୟୁଟ୍ୟୁବ୍‌ରୁ ବିଭିନ୍ନ ଛବି ଦେଖି ତାକୁ ସେ ରଙ୍ଗ ତୁଳୀରେ ରୂପ ଦେଉଥିଲେ। ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ଯୁବତୀ ହେଲେ ଗଞ୍ଜାମ ଜିଲ୍ଲା, ବଳରାମପୁରର ଗାୟତ୍ରୀ ସାହୁ। ନିକଟରେ ସେ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ କାନ୍‌ଭାସ୍‌ରେ ମହାଦେବଙ୍କ ଚିତ୍ର ଅଙ୍କନ କରି ଏସିଆ ବୁକ୍ ଅଫ୍ ରେକର୍ଡ କରିଛନ୍ତି। ଏପରି କରି ସେ ଓଡ଼ିଶାର କଳାଜଗତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତେବେ ଚିତ୍ରକଳା ପ୍ରତି ଥିବା ଗଭୀର ନିଷ୍ଠା ତାଙ୍କୁ ଏ ଦିଗରେ ସଫଳ ହେବାର ବାଟ ଦେଖାଇଛି।

ସୁଶ୍ରୀ

ଚିଆ ସିଡ୍‌ସ ଫେସ୍‌ମାସ୍କ

ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ଅନେକ ତ୍ୱଚାର ଯତ୍ନ ନେଇପାରନ୍ତିନି। ଫଳରେ ବୟସ ବୃଦ୍ଧି ଯୋଗୁ ତ୍ୱଚାରେ ନାନା ସମସ୍ୟା ଦେଖାଯାଏ। ଏହାଦ୍ୱାରା ଆତ୍ମବିଶ୍ୱାସ କମିଥାଏ। ତେଣୁ ତ୍ୱଚାକୁ ଚିକ୍କଣ, ସତେଜ ରଖିବାକୁ ଚାହୁଁଥିଲେ, ଏଥିପାଇଁ ଚିଆ ସିଡ୍‌ସ ମାସ୍କ ତ୍ୱଚାରେ ଲଗାଇ ପାରିବେ।

- ଏଥିପାଇଁ ଏକ ଗିନାରେ ଆବଶ୍ୟକତାରେ ଅନୁସାରେ ଚିଆ ସିଡ୍‌ସ ନେଇ କ୍ଷୀର ମିଶାଇ ଏକ ଜେଲ୍ ପ୍ରସ୍ତୁତ କରନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ। ଏହାକୁ ସପ୍ତାହରେ ତିନିଥର ଲଗାନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ ଏବଂ ଟାଇଟ୍ କରିଥାଏ।
- ତ୍ୱଚାକୁ ସତେଜ ଏବଂ ଭିତରୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଚିଆ ସିଡ୍‌ସ ଲଗାଇପାରିବେ। ଏହାଦ୍ୱାରା ତ୍ୱଚା ଉଜ୍ଜ୍ୱଳ ରହିବା ସହ ତ୍ୱଚାରେ ଚମକ ଆସିଥାଏ। ଏଥିସହ ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ।
- ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ। ସେହିପରି ଏହି ମାସ୍କକୁ ସବୁବେଳେ ଲଗାଇଲେ ଏହା ତ୍ୱଚାକୁ ସୁସ୍ଥ ଏବଂ ସୁନ୍ଦର କରିଥାଏ।

ମୋ ହାଣ୍ଡିଶାଳରୁ...

ମୁଆଁ ପିଠା

ଆବଶ୍ୟକ ସାମଗ୍ରୀ

ଅରୁଆ ଚାଉଳ – ଦୁଇ କପ୍, ବିରି – ଏକ କପ୍, ନଡ଼ିଆ। କୋରା – ଏକ କପ୍, ଦହି ଛେନା – ଏକ କପ୍, ଗୁଡ଼- ଅଧା କପ୍, ଗୁଜୁରାତି ଗୁଣ୍ଡ – ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, କଞ୍ଚା ଅଦା – ଅଳ୍ପ,

ପ୍ରସ୍ତୁତି ପ୍ରଣାଳୀ

ଗୋଟିଏ ପାତ୍ରରେ ଅରୁଆ ଚାଉଳ, ବିରିକୁ ପାଣି ଦେଇ ଚାରି ପାଞ୍ଚ ଘଣ୍ଟା ବତୁରାଇ ରଖନ୍ତୁ। ଏହାକୁ ଗ୍ରାଇଣ୍ଡର ଜାରରେ ଦେଇ ଇଡ୍‌ଲି ଭଳି ପତଳା କରି ବାଟନ୍ତୁ। ଏହାପରେ ଏଥିରେ ଲୁଣ ଦେଇ ହାତରେ ଫେଣ୍ଟି ଫୁଲିବା ପାଇଁ ଏକ ରାତି କିମ୍ବା ଚାରିପାଞ୍ଚ ଘଣ୍ଟା ଫ୍ରିଜରେ ଷ୍ଟୋର୍ କରନ୍ତୁ। ଗ୍ୟାସ୍ ଜଳାଇ କଡ଼େଇ ବସାଇ ସେଥିରେ କୋରା ନଡ଼ିଆ, ଛେନା ଦହି, ଗୁଡ଼ ଦେଇ ଭାଜନ୍ତୁ। ଗୁଡ଼ କୋରାରେ ମିଶିବା ଯାଏ ଭଲରେ ଭାଜନ୍ତୁ। ଏହାପରେ ସେଥିରେ ଗୁଜୁରାତି ଗୁଣ୍ଡ, ଗୋଲମରିଚ ଗୁଣ୍ଡ ସମେତ ଅଦା ଦିଅନ୍ତୁ। ଏହାପରେ ଇଡ୍‌ଲି ଷ୍ଟାଣ୍ଡ ନେଇ ସେଥିରେ ପାଣି ଦେଇ ଉପରେ ଏକ ଷ୍ଟିମର୍ ରଖି ଦିଅନ୍ତୁ। ଏହାପରେ ଉପରେ ଏକ ପତଳା କପଡ଼ା ରଖି ସେଥିରେ ଆଣି ଦେଇ ନଡ଼ିଆ ପୁର ଦିଅନ୍ତୁ। ଏହା ଉପରେ ପୁଣି ଥରେ ଆଣ ଦେଇ ଇଡ୍‌ଲି ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ। ଏହାକୁ ୨୦-୩୦ ମିନିଟ୍ ପରେ କାଢ଼ି ଦିଅନ୍ତୁ। ଏହାପରେ ଥଣ୍ଡା ହେଲେ ପାଣି ଦେଇ କପଡ଼ାରୁ ପିଠାକୁ ଛଡ଼ାନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ନରମ 'ମୁଆଁ ପିଠା'।

ସମର୍ ଟି ସାର୍ଟ

ସାଧାରଣତଃ ଖରାଦିନେ ଅଧିକାଂଶ ଲୋକେ ଥଣ୍ଡା ଏବଂ ଆରାମକୁ ପ୍ରାଧାନ୍ୟ ଦେଇଥାନ୍ତି। ଏଥିପାଇଁ ଖରାଦିନେ ଷ୍ଟାଇଲିଶ୍ ଏବଂ ସୁନ୍ଦର ଦିଶିବାକୁ ଚାହୁଁଥିଲେ ହାଲୁକା ଟି – ସାର୍ଟ ଚୟନ କରିପାରିବେ। ଏହା ଖୁବ୍ ଆକର୍ଷଣୀୟ ଦିଶିଥାଏ।

କଟନ୍ ଓଭରସାଇଜ୍ ଟି ସାର୍ଟ

ଖରାଦିନେ କୁଲ୍ ଦିଶିବାକୁ ଚାହୁଁଥିଲେ, କଟନ ଓଭରସାଇଜ୍ ଟି ସାର୍ଟ ପିନ୍ଧିପାରିବେ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ। ଏହା ବିଭିନ୍ନ ଡିଜାଇନ୍‌ରେ ମଧ୍ୟ ଉପଲବ୍ଧ।

ବୋଲ୍ଡ ପ୍ରିଣ୍ଟ

ଅଧିକାଂଶ ମହିଳା ଓଭରସାଇଜ୍ ସାର୍ଟ ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ସୁନ୍ଦରତାକୁ ଦ୍ୱିଗୁଣ କରିବାକୁ ଚାହୁଁଥିଲେ ଓଭରସାଇଜ୍ ବୋଲ୍ଡ ପ୍ରିଣ୍ଟ ସାର୍ଟ ପିନ୍ଧିପାରିବେ।

ଲାଇଲେନ

ଲାଇଲେନ ପୋଷାକ ମଧ୍ୟ ଖୁବ୍ ଆରାମଦାୟକ ଲାଗିଥାଏ। ଏହାକୁ ଦୋକାନ, ବଜାର ଆଦି ବିଭିନ୍ନ ସ୍ଥାନକୁ ସହଜରେ ପିନ୍ଧି ଯାଇପାରିବେ। ବିଶେଷ କରି ଏହା ଜିନ୍ସକୁ ଅଧିକ ସୁନ୍ଦର ମାନିଥାଏ। ଏଥିରୁ ଏକ ଭିନ୍ନ ଲୁକ୍ ମଧ୍ୟ ମିଳିଥାଏ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୧୭ ଏପ୍ରିଲ ୨୦୨୬

ନିରବତାର କଥା

ନିରବତା କଥା କହେ । ବାପା, ବଡ଼ଭାଇ ଓ ଶିକ୍ଷକଙ୍କ ନିରବ କଟାକ୍ଷ ହୃଦ୍‌ସ୍ପନ୍ଦନ ବଢ଼ାଇଦିଏ । ମା'ଙ୍କ ନିରବତା ମନକୁ ବିଚଳିତ କରେ, ଶ୍ରୀମତୀଙ୍କ ନିରବତା ଝଡ଼ର ଆଗମନର ସୂଚନା ଦିଏ ଏବଂ ଝିଅର ନିରବତା ହୃଦୟକୁ ବ୍ୟାକୁଳ କରେ । ସ୍ଥାନ, କାଳ ଓ ପାତ୍ରକୁ ନେଇ ନିରବତା କେତେବେଳେ ଶାନ୍ତିର କପୋତ ସାଜେ, ପୁଣି ବେଳେବେଳେ ଧ୍ୱଂସର ବିଭୀଷିକା ରଚନା କରେ; ନିନ୍ଦିତ ହୁଏ ପୁଣି ପ୍ରଶଂସା ସାଉଟେ । ନିରବତା କେବଳ କଥାର ଅନୁପସ୍ଥିତି ନୁହେଁ; ଏହା ଶବ୍ଦ ଠାରୁ ବି ଗଭୀର ଏବଂ ଗମ୍ଭୀର ଏକ ଅଭିବ୍ୟକ୍ତି । ନିରବତା ଜୀବନର ଗଭୀର ରହସ୍ୟମାନଙ୍କ ପ୍ରତି ଏକ ନମ୍ର ସ୍ୱୀକୃତି ରୂପେ ପରିଗଣିତ । ପ୍ରକୃତିର ସମସ୍ତ ଶକ୍ତି, ଯେମିତିକି ଅନନ୍ତ ଅନ୍ତରୀକ୍ଷ, ମହାକର୍ଷଣ, ଆଲୋକ, ଜଳଚକ୍ର, ଋତୁଚକ୍ର ଓ ଜୀବନଯାତ୍ରା ନିରବରେ କାର୍ଯ୍ୟ କରନ୍ତି । ୨୦୨୦ ମସିହାରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟରସ' ପ୍ରତିବାଦକାରୀଙ୍କ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମତାମତ ଭାବେ କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ୨୧ ସେକେଣ୍ଡର ନିରବତା ତାଙ୍କ ଅସମ୍ମତିର ପରିପ୍ରକାଶ ହୋଇଥିବା ବେଳେ ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣକୁ ନେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୌନତାକୁ ସମ୍ମତିର ଲକ୍ଷଣ ଭାବେ ବିବେଚନା କରାଯାଉଛି । ବିଭିନ୍ନ ପରମ୍ପରାରେ ନିରବତାକୁ ଗଭୀର ସମ୍ମାନ ଦିଆଯାଇଛି । ସନାତନ ଧର୍ମରେ ମୌନତା, ସଂଯମ ଓ ଆତ୍ମ-ଶୁଦ୍ଧିର ଏକ ମୁଖ୍ୟ ଉପାଦାନ । ଭଗବଦ୍ ଗୀତାରେ, ଶ୍ରୀକୃଷ୍ଣ କୁହନ୍ତି, "ରହସ୍ୟ ମଧ୍ୟରେ, ମୁଁ ନିରବତା ।" ମହାତ୍ମା ଗାନ୍ଧୀ ଆତ୍ମଶୃଙ୍ଖଳା ପାଇଁ ମୌନ ବ୍ରତ ପାଳନ କରୁଥିବା ବେଳେ ବୌଦ୍ଧ ଓ ଖ୍ରୀଷ୍ଟିଆନ ଧର୍ମରେ ଏହାକୁ ସତ୍ୟ ଓ ଦିବ୍ୟ ସଂଯୋଗର ପଥ ଭାବରେ ବିଶ୍ୱାସ କରାଯାଏ । ଦାର୍ଶନିକ ସ୍ତରରେ, ନିରବତା ଭାଷାର ସୀମାକୁ ଚିହ୍ନିତ କରେ । ଲୁଡୱିଗ୍ ୱିଟଗେନଷ୍ଟାଇନ ତାଙ୍କ 'ଟ୍ରାକ୍ଟାଟସ୍ ଲଜିକୋ-ଫିଲୋସୋଫିକସ୍' ଗ୍ରନ୍ଥରେ ସେହି ସତ୍ୟର ଉଦ୍‌ଘୋଷଣା କରିଛନ୍ତି- "ଯେଉଁ ବିଷୟରେ କହିବାକୁ କିଛି ନାହିଁ, ସେଠାରେ ନିରବ ରହିବା ଭଲ ।" ସାହିତ୍ୟ ମଧ୍ୟ ଏହି ନିରବ ଅଭିବ୍ୟକ୍ତିକୁ ସମ୍ମାନ ଦେଇଛି । ଖଲିଲ ଜିବ୍ରାନଙ୍କ ମତରେ, "ନିରବତା ହେଉଛି ଈଶ୍ୱରଙ୍କ ଭାଷା; ବାକି ସବୁ ଖରାପ ଅନୁବାଦ ।" ଅନେକ ମହାମନୀଷୀ ନିରବତାରୁ ଶକ୍ତି ଆହରଣ କରିଛନ୍ତି । ଷ୍ଟିଭ ଜବ୍‌ସ, ଓପ୍ରା ୱିନଫ୍ରେ, ଏଲୋନ ମସ୍କ ଓ ଆଲବର୍ଟ ଆଇନଷ୍ଟାଇନ ପରି ଚିନ୍ତାଶୀଳ ବ୍ୟକ୍ତି ନିରବ ଚିନ୍ତନର ମୁହୂର୍ତ୍ତସବୁକୁ ଗୁରୁତ୍ୱ ଦେଇଛନ୍ତି । ଆବ୍ରାହାମ ଲିଙ୍କନଙ୍କ ନିରବ ବିରାମ ତାଙ୍କ ଚରିତ୍ରକୁ ପ୍ରଭାବଶାଳୀ କରିଛି । ଦାର୍ଶନିକ ମାର୍କସ୍ ଓରେଲିୟସ ଏବଂ ସେନେକାଙ୍କ ନିରବତା ଉପରେ ନିର୍ଭରଶୀଳତା ହିଁ ସେମାନଙ୍କ ଚିନ୍ତାଧାରାକୁ ତୀକ୍ଷ୍ଣ ଓ ତୀବ୍ର କରିଛି । ଯୁଗେଯୁଗେ ଧ୍ୟାନ, ପ୍ରାର୍ଥନା ଓ ଏକାନ୍ତବାସ ମାଧ୍ୟମରେ ନିରବତା ଆଧ୍ୟାତ୍ମିକ ଅଭିବ୍ୟକ୍ତିର କେନ୍ଦ୍ରବିନ୍ଦୁ ହୋଇ ରହିଆସିଛି । ଆଜିର ଶବ୍ଦମୟ ଜଗତରେ, ନିରବତା ଅପରିହାର୍ଯ୍ୟ ହୋଇପଡ଼ିଛି; ଚିନ୍ତନ, କଳ୍ପନା ଓ ଚେତନାର ନବୀକରଣ ପାଇଁ ଏକ ଦୁର୍ଲଭ ଆବଶ୍ୟକତା ପାଲଟିଛି । ଆଇରିସ୍ ଲେଖକ ଟୋନି କକ୍‌ସନ ଯଥାର୍ଥରେ କହିଛନ୍ତି ଯେ ନିରବତା ସୃଜନଶୀଳତାକୁ ପ୍ରୋତ୍ସାହିତ କରେ, ଆନ୍ତରିକ ଶକ୍ତିକୁ ବଢ଼ାଏ, ବିଚଳିତ ମନର ସନ୍ତୁଳନ ରକ୍ଷା କରେ ଏବଂ ଶୁଣିବାର କ୍ଷମତାକୁ ତୀକ୍ଷ୍ଣ କରେ । ଏହାକୁ ସମର୍ଥନ କରି ଫ୍ରେଡରିକ ନିତା କହିଛନ୍ତି, "ସବୁଠାରୁ ମହାନ ଧାରଣାସବୁ ଏକାନ୍ତରେ ଜନ୍ମ ନେଇଥାନ୍ତି ।'' ନିରବତାର ଗୁରୁତ୍ୱ କେବଳ ଆଧ୍ୟାତ୍ମିକ ଜାଗୃତିରେ ସୀମିତ ନୁହେଁ, ଶାରୀରିକ ସ୍ୱାସ୍ଥ୍ୟ ଗଠନ ଯାଏ ମଧ୍ୟ ଏହା ପ୍ରସାରିତ । ନିରବତାର କିଛି ମୁହୂର୍ତ୍ତ ହୃତ୍‌ପିଣ୍ଡକୁ ଶାନ୍ତ କରିପାରେ, ରକ୍ତଚାପ କମାଇପାରେ ଓ ସାମଗ୍ରିକ ଭାବରେ ଉନ୍ନମ ସ୍ୱାସ୍ଥ୍ୟ ରକ୍ଷା ସହ ଆନନ୍ଦମୟ ଜୀବନଯାପନରେ ଏକ ମୂଲ୍ୟବାନ ଭୂମିକା ନିଭାଇ ଥାଏ । ନିରବତା ଓ ବାର୍ତ୍ତାଳାପ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏକ ଆହ୍ୱାନ । ନିରବତାର ପ୍ରୟୋଗ ଶାନ୍ତି, ସମୃଦ୍ଧି ଓ ଜ୍ଞାନର ବିକାଶ ପାଇଁ ହେବା ଉଚିତ ପ୍ରେମ, ପ୍ରୀତି ଓ ମୈତ୍ରୀର ଦମନ ପାଇଁ ନୁହେଁ । ଯେପରି ରୁମି ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି, "ନିରବତା ହେଉଛି ଈଶ୍ୱରଙ୍କ ଭାଷା, କିନ୍ତୁ ପ୍ରେମକୁ ବେଳେବେଳେ ଏକ ସ୍ୱରର ଆବଶ୍ୟକତା ପଡ଼ିଥାଏ ।" ଯେତେବେଳେ ପ୍ରେମକୁ ପ୍ରତିହତ କରାଯାଏ, ନ୍ୟାୟର ଅବକ୍ଷୟ ହୁଏ, ନୈତିକ ଅଧୋପତନ ଘଟେ, ହିଂସା ଓ କ୍ରୂରତା ଶାନ୍ତିର ପ୍ରତିରୋଧ କରେ, ସେତିକିବେଳେ ନିରବତା ନୁହେଁ, ଦୃଢ଼ ପ୍ରତିବାଦ ଓ ଅଦମନୀୟ ଅଭିବ୍ୟକ୍ତିର ଆବଶ୍ୟକତା ପଡ଼େ । ତେଣୁ କେତେବେଳେ ନିରବ ରହିବା ଏବଂ କେତେବେଳେ କଥା କହିବା ଉଚିତ ଏହି ଜ୍ଞାନର ଉପଲବ୍ଧିରେ ହିଁ ନିହିତ ରହିଛି ଜୀବନକୁ ଜିଇଁବାର ପ୍ରକୃତ କଳା ।

ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ । ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ । ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ । ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଅାରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ । ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି । ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ । ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି । ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି । ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ । ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି । ତେଣୁ ସେ ସଦାରୋଗୀ, ରୁଗ୍‌ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ । ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା । ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା । ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ । ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜ୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା । ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ । ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ । ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ । ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ । ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ । ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ । ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ । ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା । ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ । ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ । ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ । ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ । ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ । ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ । ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର' । ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା । ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ । 'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା । ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ । ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ । ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ । ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ । ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି ।

ଆଶା ଓ ଆକାଶ : ଓଡ଼ିଶାରେ ଜୈବକୃଷିର ସମ୍ଭାବନା ଓ ନୂଆ ଦିଗନ୍ତ

ରାଜ୍ୟରେ ଏବେ ଅସ୍ମିତାର ଜୟଯାତ୍ରା । ଡବଲ୍ ଇଞ୍ଜିନ ସରକାର । ଉଭୟେ ଜୈବ ଓ ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦେଉଛନ୍ତି । ସଂଯୋଗକୁ, ରାଜ୍ୟର ପ୍ରମୁଖ କୃଷିସଚିବ ପଦରେ ଅଛନ୍ତି ଜଣେ ବିଶିଷ୍ଟ କୃଷି ବୈଜ୍ଞାନିକ । ସେ ମଧ୍ୟ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ । ଏହି ସୁଯୋଗକୁ ବ୍ୟବହାର କରି ଶ୍ରୀମନ୍ଦିରର ଦୈନନ୍ଦିନ ରୀତିନୀତିରେ ନିରନ୍ତର ଜୈବକୃଷି ଉତ୍ପାଦିତ ସାମଗ୍ରୀ ବ୍ୟବହାର ପାଇଁ ବ୍ୟବସ୍ଥା କରାଯାଇ ନୂତନ ଯୁଗର ମୂଳଦୁଆ ପକାଇ ହେବ । ଜୈବକୃଷି କଥା କହିଲା ବେଳେ, ଉତର-ପୂର୍ବାଂଚଳ ରାଜ୍ୟ ସିକ୍କିମ୍ ବିଷୟରେ ଆଲୋଚନା ଆବଶ୍ୟକ; କାରଣ, ଏହା ଦେଶର ଏକମାତ୍ର ସମ୍ପୂର୍ଣ୍ଣ ଜୈବକୃଷି ରାଜ୍ୟ । ସେଠାରେ ଗୁଣାତ୍ମକ ତଥା ପୁଷ୍ଟିକର ଜୈବଖାଦ୍ୟ ଉତ୍ପାଦନ ହେଉଛି ଏବଂ ସେଥିପାଇଁ ସେଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି । ୨୦୦୩ ମସିହାରେ ଯେତେବେଳେ ସିକ୍କିମ୍‌ରେ ଜୈବକୃଷି କଥା ଉଠିଥିଲା, କେହି ବି ଭାବି ନଥିଲେ ଯେ ସେଠାକାର ଲକ୍ଷ ଲକ୍ଷ ଚାଷୀ ଏହାକୁ ଆଦରି ନେବେ । ପ୍ରାୟ ୧୫ ବର୍ଷର ନିରନ୍ତର ପ୍ରୟାସ ସିକ୍କିମ୍ ରାଜ୍ୟକୁ ବିଶ୍ୱ ମାନଚିତ୍ରରେ ସ୍ଥାପିତ କରିପାରିଲା । ଜୈବକୃଷି କଲେ, ଅମଳ କମିବ, ଲାଭ ହେବନି, ରୋଗ ପୋକ ଲାଗିବ, ଏମିତି ଆଶଙ୍କା ଭିତରେ, ସରକାର ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇ ଚାଲିଲେ । ଜୈବକୃଷି ନୀତି ପ୍ରଣୟନ ହେଲା, ନୂଆ ଚାଷ ପ୍ରଣାଳୀରେ ଲୋକ ଅଭ୍ୟସ୍ତ ହେଲେ ଓ ସେଠାରେ ଆସିଲା ବୈପ୍ଳବିକ ପରିବର୍ତ୍ତନ । ରାସାୟନିକ ସାର ଓ କୀଟ-ରୋଗନାଶକ ପ୍ରୟୋଗ କରାଯାଇ ଅଧିକ ଅମଳ ହେଉଥିବାରୁ ଖାଦ୍ୟପଦାର୍ଥ ଶସ୍ତାରେ ମିଳୁଥିଲାବେଳେ, ଚାଷୀମାନେ ଜୈବିକଚାଷକୁ ଆଦର କଲେ । ସମୟ ଲାଗିଲା ସତ, ଫଳ କିନ୍ତୁ ଭଲ ହେଲା । ମାଟିର ଗୁଣ ଉନ୍ନତ ହେଲା, କମ୍ପୋଷ୍ଟ, ଗୋବର, ଗୋମୂତ୍ର ପ୍ରୟୋଗ ହେଲା, କୃଷକଙ୍କୁ ରାସାୟନିକ ସାର, ଔଷଧ କିଣିବାକୁ ପଡିଲାନି । ମାଟି ଜୀବନ୍ୟାସ ପାଇଲା । ଜୈବିକ ଚାଷରୁ ଅମଳ ବଢ଼ିବାକୁ ଲାଗିଲାରୁ ଚାଷୀ ଲାଭବାନ୍ ହେଲେ । କିନ୍ତୁ, ଏହି ଜୈବକୃଷି ଯାତ୍ରା ପଥ ସୁଗମ ନଥିଲା । ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ଚାଷୀଙ୍କ ସହଯୋଗ ପାଇଁ ଏହି ପରିବର୍ତ୍ତନ ସମ୍ଭବ ହୋଇପାରିଲା । ଓଡ଼ିଶା ଭଳି ସିକ୍କିମ୍‌ରେ ମଧ୍ୟ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ସଂଖ୍ୟା ଅଧିକ । ସେମାନେ ଗୋବରଖତ ସହିତ ଅଳ୍ପ କିଛି ସାର ବ୍ୟବହାରରେ ଅଭ୍ୟସ୍ତ ଥିଲେ; ପଞ୍ଜାବ ଭଳି ସର୍ବାଧିକ ରସାୟନ ବ୍ୟବହାର କରୁନଥିଲେ । ୨୦୦୪ ମସିହାରେ ସିକ୍କିମ୍ ସରକାର ଜୈବକୃଷି ପାଇଁ ପ୍ରସ୍ତୁତି ଆରମ୍ଭ କଲେ । ଜିଆ-ଚାଷ, ଜିଆ ଖତ ପ୍ରସ୍ତୁତି, ଜୈବକୃଷି ଅନୁକୂଳ ବିହନ କିସମ ନିର୍ଦ୍ଧାରଣ, ମାତ୍ର ଶହେଟି ଅଗ୍ରଣୀ ଗ୍ରାମ ଚୟନ, କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ, ଜୈବ ପ୍ରମାଣନ, ଗୋଷ୍ଠୀ ପ୍ରଶିକ୍ଷଣ ଓ ତାଲିମ ତଥା ବ୍ୟାପକ ସଚେତନତା ସୃଷ୍ଟି କରାଗଲା । ସମବାୟ ଆନ୍ଦୋଳନକୁ ମଧ୍ୟ ଏଥିରେ ବ୍ୟବହାର କରାଗଲା । ସିକ୍କିମ୍ ? ରାଜ୍ୟ ଜୈବକୃଷି କ୍ଷେତ୍ରରେ କିପରି ଉତ୍କର୍ଷ ହାସଲ କରିପାରିଲା, ତାହା ନିଶ୍ଚୟ ପ୍ରେରଣାଦାୟୀ । ତେବେ, ସିକ୍କିମ୍ ? ସହ କୃଷି କ୍ଷେତ୍ରରେ ଓଡ଼ିଶାର ସାମଞ୍ଜସ୍ୟ ଥିବାରୁ ସରକାର, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତଥା କୃଷି ବିଶେଷଜ୍ଞମାନେ ଓଡ଼ିଶାରେ ଜୈବ ଆନ୍ଦୋଳନକୁ ଆଗେଇ ନେବାକୁ ସମର୍ଥ ଏବଂ ଶ୍ରୀମନ୍ଦିର ଏହାର ନେତୃତ୍ୱ ନେବେ ବୋଲି ଆଶା । ସିକ୍କିମ୍ ? ରାଜ୍ୟର ଅଧିବାସୀ ଯଦି ଜୈବକୃଷି ପ୍ରଣାଳୀରେ ଉତ୍ପାଦିତ ଖାଦ୍ୟ ଭୋଜନ କରୁଛନ୍ତି, ଆମେ ଶ୍ରୀଜଗନ୍ନାଥଙ୍କୁ କାହିଁକି ସାର-କୀଟନାଶକ ଔଷଧ ଦେଇ ଫଳାଉଥିବା କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ ବିଷାକ୍ତ ଅନ୍ନ, ଡାଲି, ବେସର, ମହୁର, ଶାଗ ସମର୍ପଣ କରିବା ? ଶ୍ରୀମନ୍ଦିର ରୋଷଘରେ ମା' ଲକ୍ଷ୍ମୀ ରାନ୍ଧୁଥିବା ନାନାଦି ନୈବେଦ୍ୟ ସହିତ ଦୈନିକ ପ୍ରସ୍ତୁତ ହେଉଥିବା ଶ୍ରୀମହାପ୍ରସାଦରେ ବ୍ୟବହୃତ ଚାଉଳ, ଡାଲି, ପନିପରିବାଠୁ ଆରମ୍ଭ କରି, ଚିନି, ଗୁଡ଼, ଘିଅ- ଏପରିକି ଲୁଣରେ ବି ବିଷ ରହୁଛି । ଯଦି, ସିକ୍କିମ୍ ? ରାଜ୍ୟରେ ରାସାୟନିକ ସାର ଓ କୀଟ-ରୋଗନାଶକ ବ୍ୟବହାର ନକରି ଜୈବିକ କୃଷି ସମ୍ଭବ ହୋଇ ପାରିଛି, ଆମେ ପ୍ରାଥମିକ ଭାବେ କେବଳ ପୁରୀ ଜିଲ୍ଲାର ଶହେଟି ଗ୍ରାମରେ 'ଭୋଗ ପାଇଁ ଜୈବିକ ଫସଲ' ଚାଷ କରିପାରିବାନି କାହିଁକି ? ସିକ୍କିମ୍ ରାଜ୍ୟର ଚାଷୀଙ୍କୁ କେବଳ ଗୋବର-କମ୍ପୋଷ୍ଟ ଖତ ପ୍ରୟୋଗ କରି, ବିନା ସାରରେ ପୂର୍ବଠାରୁ ଅଧିକ ଫସଲ ପାଇବାକୁ ଲାଗିଯାଇଥିଲା କୋଡ଼ିଏ ବର୍ଷ । ସେଠାରେ ମାଟି, ପାଣି ଓ ପବନ ଏବେ ବିଷମୁକ୍ତ । ମାଟିକୁ ଫେରିଆସିଛି ଜୀବନ । ଅଧିକ ଫଳୁଥିବା ଉନ୍ନତ ଅଧିକ ଅମଳକ୍ଷମ ଦେଶୀ ବିହନ ଚାଷ ହେଉଛି । ଫସଲର ବାସନା, ସ୍ୱାଦ ଓ ଖାଦ୍ୟଗୁଣ ବଢ଼ିଛି । ପରିବାପତ୍ର ଅଧିକ ଦିନ ସତେଜ ରହୁଛି, ଅଧିକ ଦରରେ ବିକ୍ରି ହେଉଛି । ସିକ୍କିମ୍‌ବାସୀଙ୍କ ସ୍ମିତହାସ୍ୟରୁ ବାରି ହୋଇ ପଡୁଛି ଯେ ସେମାନଙ୍କ ଜୀବନଧାରଣ-ମାନରେ ପରିବର୍ତ୍ତନ ଆସିଛି । ଓଡ଼ିଶାକୁ ସିକ୍କିମ୍ ଭଳି କରିବା ହୁଏତ ସମୟସାପେକ୍ଷ । କିନ୍ତୁ ଅଜିଠୁ ପ୍ରୟାସ କଲେ, ପୁରୀ ସହର ପାଖାପାଖି ଶହେଟି ଆଦର୍ଶ ଗାଁକୁ ପାଞ୍ଚବର୍ଷ ଭିତରେ ସିକ୍କିମ୍ କରିବା ସମ୍ଭବ । ସେଠାରେ ଜୈବିକ ପ୍ରଣାଳୀରେ କରାଯାଇପାରିବ ଦୁଧିଆଳୀ ଦେଶୀ ଗୋପାଳନ, ଜମିରେ ଫଳିବ ଧାନ, ହରଡ଼, ମୁଗ, ବିରି ଓ ପରିବା, ଚାଷ ହେବ ତୁଳସୀ, ଦୟଣା, ପଦ୍ମ ସମେତ ବିଭିନ୍ନ ଫୁଲ ଓ କଦଳୀ ପତ୍ର । ସବୁ କରାଯିବ ଜଗାବଳିଆଙ୍କ ସେବାରେ । ସଂଗୃହୀତ ବାସି ଫୁଲ ଓ ମନ୍ଦିର ବର୍ଜ୍ୟବସ୍ତୁ ସେହି ସବୁ ଗ୍ରାମରେ କମ୍ପୋଷ୍ଟ ହେବ ଓ ଚାଷବାସରେ ବ୍ୟବହାର ହେବ । ଗୋବର ଗ୍ୟାସ୍ ଉତ୍ପାଦନ ହେବ । ସରକାର ଆର୍ଥିକ ସହଯୋଗ ଓ କୃଷି ବିଶ୍ୱବିଦ୍ୟାଳୟ ବୈଷୟିକ ସହାୟତା ଦେବେ । ବିଭୁ-ସମର୍ପିତ ସ୍ଥାନୀୟ ଚାଷୀ ଲାଭଜନକ ଭାବେ କେବଳ ଶ୍ରୀମନ୍ଦିରରେ ଲୋଡ଼ା ଖାଦ୍ୟ, ଫୁଲ-ଫଳ-ପତ୍ର ଚାଷ କରିବେ । ନା ରହିବ ଅଭାବୀ ବିକ୍ରି ନା ବଜାର ସମସ୍ୟା । ଜଗା ମୁହଁରେ ସ୍ମିତହାସ୍ୟ ଆହୁରି ନିବିଡ଼ ହେବ । ଜଗାବଳିଆଙ୍କ ସେବା, ଆରାଧନା କଲେ ଚାଷୀ ହସିବ । ଶ୍ରୀମନ୍ଦିରରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନାନାଦି ନୈବେଦ୍ୟ ଭୋଗ ଲାଗି କରାଯାଇଥାଏ । ସେଥିରେ ପାଗ ଖଇ, ପାଚିଲା କଦଳୀ, ଦହି, ସର, ଖୁଆ, ମଣ୍ଡା, ସେଓ, ପିଜୁଳି, ନଡ଼ିଆ ପାତି, କମଳା, ସପେଟା, କାକୁଡ଼ି ଭଳି ନିସଙ୍ଖୁଡ଼ି ଭୋଗ ଏବଂ ସାଦା ଅନ୍ନ, ମୁଗ ଖେଚୁଡ଼ି, ଘିଅ ଅନ୍ନ, ଡାଲି, ଡାଲମା, ଶାଗ, ବେସର, ଭଜା, ମହୁର, ଖଟା, ବିଭିନ୍ନ ବିରି ଓ ଅଟା ଜାତୀୟ ପିଠା ଇତ୍ୟାଦି ସଙ୍ଖୁଡ଼ିଭୋଗ ଲାଗି ହୋଇଥାଏ । ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଶ୍ରୀମହାପ୍ରସାଦରେ ଦେଶୀଆଳୁ, କଖାରୁ, କଚାଂ କଦଳୀ, କଠା ପଣସ, ମୂଳା, ପୋଟଳ, ଶିମ୍ବ, କାଙ୍କଡ଼, ଜହ୍ନି, ବାଇଗଣ, ସାରୁ, କନ୍ଦମୂଳ, ଅଦା, ଧନିଆପତ୍ର, ନଡ଼ିଆ ପ୍ରଭୃତି ଡାଲମା ଓ ତରକାରି ଇତ୍ୟାଦିରେ ବ୍ୟବହୃତ ହୋଇଥାଏ । କୋଶଳା, ଲେଉଟିଆ ଓ ଅଗସ୍ତି ଶାଗ ବ୍ୟତିତ ଅନ୍ୟ କୌଣସି ଶାଗ ବ୍ୟବହାର କରାଯାଏନାହିଁ । ଏଥିରେ କେବଳ ଘିଅ ବ୍ୟବହୃତ ହୁଏ । ଜିରା, ଗୋଲମରିଚ, ଡାଲଚିନି, ବଡ଼ ଅଳେଇଚ, ହେଙ୍ଗୁ, ପାନମଧୁରୀ, ସୋରିଷ ଇତ୍ୟାଦି ମସଲା ବିଭିନ୍ନ ଭୋଗଦ୍ରବ୍ୟ ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ । ଅନ୍ୟସବୁ ପରିବା ଓ ମସଲା ନିଷିଦ୍ଧ । ଦୈନିକ ପ୍ରାୟ ପଚାଶ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ରୋଷଘରରେ କାଠ ଚୁଲିରେ ଅନ୍ନ ଓ ଡାଲି ସମେତ ସମସ୍ତ ବ୍ୟଞ୍ଜନ ମାଟି କୁଡୁଆରେ ରଡ଼ନିଆଁ ଓ ଅଙ୍ଗାର ରଖାଯାଇଥିବା 'ଅହିଆ'ରେ ପ୍ରସ୍ତୁତ ହୋଇଥାଏ । ପର୍ବପର୍ବାଣି, ଛୁଟିଦିନ ଓ କାର୍ତ୍ତିକ ମାସରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଷାଠିଏ ହଜାର ଛୁଇଁଯାଏ । ଯଦି ପରୀକ୍ଷାମୂଳକ ଭାବେ, ମାତ୍ର ୧୬-୧୮ ଶହ ହେକ୍ଟର ଚାଷ ଜମିରେ ମିଶ୍ରିତ ତଥା ଜୈବିକ ଫସଲ ପର୍ଯ୍ୟାୟ ଅନୁସରଣ କରି ଖାଦ୍ୟ ଶସ୍ୟ, ଫୁଲ, ତୁଳସୀ, ଦୟଣା, ଜାଳେଣି କାଠପାଇଁ ଝାଉଁ ଗଛ, ଗୋଖାଦ୍ୟ ପାଇଁ ଘାସ ଚାଷ ଏବଂ ବର୍ଷସାରା ପାଣିରେ ବୁଡ଼ି ରହୁଥିବା ଖାଲଜମିରେ ପଦ୍ମଫୁଲ ଚାଷ କରାଯିବ, ଶ୍ରୀମନ୍ଦିର ପାଇଁ ଆବଶ୍ୟକ ଅଧିକାଂଶ କୃଷି ସାମଗ୍ରୀ ସେଠାରୁ ଉତ୍ପାଦନ ହୋଇପାରିବ । ଲାଭଜନକ ମୂଲ୍ୟରେ ପ୍ରଥମ ଚାରି-ପାଞ୍ଚ ବର୍ଷ ପାଇଁ ନିଶ୍ଚିତ କ୍ରୟ ଗ୍ୟାରେଣ୍ଟି ମିଳିଲେ, ଏହି ଶହେଟି ଗ୍ରାମର ଚାଷୀ ସାରା ଓଡ଼ିଶାକୁ ଆଲୋକ ଦେଖାଇବେ । ଜୈବିକଚାଷ ପୋଥି-ବାଇଗଣ ନୁହେଁ, ବାଡ଼ି-ବାଇଗଣ ବୋଲି ପ୍ରମାଣିତ ହେବ । ଏହାକୁ ଏକ ଆହ୍ୱାନ ଭାବେ ସଭିଏଁ ଗ୍ରହଣ କରିବେ ବୋଲି ଆଶା । ମା' ଲକ୍ଷ୍ମୀ ରୋଷଘରେ ରନ୍ଧନ କରନ୍ତି ଓ ତାହା ମହାପ୍ରସାଦରେ ରୂପାନ୍ତରିତ ହୁଏ ବୋଲି, ରୋଷଘରକୁ ପବିତ୍ର ରଖାଯାଏ । ଶୁଦ୍ଧ, ସଦାଚାରୀ ହୋଇ ପ୍ରସାଦ ରନ୍ଧନ ଭଳି, ବିଷମୁକ୍ତ ଶସ୍ୟ ସମେତ ବିଭିନ୍ନ ସାମଗ୍ରୀ, ଫୁଲ ଓ ଜାଳେଣି କାଠ ଉତ୍ପାଦନ ଓ ଯୋଗାଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ନୈବେଦ୍ୟ ପ୍ରସ୍ତୁତି ଏକ ମହାଯଜ୍ଞଠାରୁ କିଛି କମ୍ ? ନୁହେଁ । ଯେତେବେଳେ, ପୂର୍ଣ୍ଣ ସମର୍ପଣ ଭାବ ଓ ଆତ୍ମୀୟତାର ସହିତ ନୈବେଦ୍ୟ ପ୍ରସ୍ତୁତ କରାଯାଉଛି, ନୈବେଦ୍ୟଯୋଗ୍ୟ ଜୈବ-ରୋଷେଇ ସାମଗ୍ରୀ ଜଗାବଳିଆ ଚରଣାଶ୍ରିତ କୃଷକମାନେ କ'ଣ ଉତ୍ପାଦନ କରି ପାରିବେନି ? ନିଶ୍ଚୟ ପାରିବେ ବୋଲି ଆଶା ଓ ବିଶ୍ୱାସ । ଏ ଦିଗରେ ସହାୟତା ଯୋଗାଇଦେବା ଲାଗି ବ୍ୟବସ୍ଥା ଉପରେ ସମପରିମାଣର ଭରସା ରଖାଯାଇପାରିବ ।

ବାସ୍ତବ ସତ୍ୟର ଅନୁସନ୍ଧାନ-୭.

ନମସ୍କାର । ବାସ୍ତବ ସତ୍ୟର ଅନୁସନ୍ଧାନ- ସପ୍ତମ ଅଦ୍ଧ୍ୱାୟରେ ଆଜି ଆଲୋଚନା କରିବା ଯେ ମଣିଷ ମନରୁ ଭୟ ଦୂର ହେବ କେମିତି ? ମଣିଷ କେମିତି ନିଜର ଅନ୍ତର୍ଜ୍ଞାନ ସୃଷ୍ଟି କରିବାରେ ସମର୍ଥ ହୋଇ ନିଜକୁ ଜଣେ ପ୍ରାକୃତିକ କୃତି ମଣିଷ ଭଳି ଗଢି ପାରିବ ଓ ଜୀବନର ପ୍ରାକୃତିକ ସ୍ୱାଦକୁ ଅନୁଭବ କରିପାରିବ । କେବଳ ମଣିଷ ନୁହେଁ ବରଂ ସବୁ ପ୍ରାଣୀଙ୍କ ମନରେ ଭୟ ରହିଥାଏ ଯାହା ଏକ ପ୍ରାକୃତିକ ଗୁଣ । ହେଲେ ଅନ୍ୟାନ୍ୟ ପଶୁ ମାନଙ୍କ ଭୟ ଏବଂ ମଣିଷ ମନର ଭୟ କେବଳ ମୃତ୍ୟୁ ସହିତ ସମାନ୍ତରାଳ ହୋଇଥିବା ବେଳେ ମଣିଷର କିନ୍ତୁ ଅନ୍ୟାନ୍ୟ ଭୟାବହତାର ସୀମା ନାହିଁ । କାରଣ କ'ଣ ? ପ୍ରାୟତଃ ସବୁ ପ୍ରାଣୀ ଜଗତରେ କେବଳ ଆକ୍ରମଣ ଜନିତ ମୃତ୍ୟୁ ଭୟ ହିଁ ରହିଥାଏ ଯାହା ମଣିଷଙ୍କ କ୍ଷେତ୍ରରେ ମଦ୍ଧ୍ୱ ଅନୁରୂପ ଢଙ୍ଗରେ ଦେଖିବାକୁ ମିଳେ । ଏତଦ୍ ବ୍ୟତୀତ ମଣିଷର ଅସଂଖ୍ୟ ଭୟ ସୃଷ୍ଟି ହୋଇଥାଏ ମନରେ, ବିଭିନ୍ନ ସମସ୍ୟାକୁ ନେଇ । ଧନ ହାନି, ଶରୀର ବ୍ୟାଧି, ସାମାଜିକ ମର୍ଯ୍ୟାଦା କ୍ଷୁର୍ଣ୍ଣ, ଭବିଷ୍ୟତ ତଥା ପାରିବାରିକ ସୁରକ୍ଷା ଠାରୁ ଆରମ୍ଭ କରି ଆହୁରି ଅନେକ ଭୟ ରହିଥାଏ ମଣିଷ ମନରେ ଯାହା ସବୁ ଆମେ ନିଜ ଅଙ୍ଗେ ନିଭାଇ ଥାଉ । ଏସବୁ ଜୀବନ ଥାଉ ଥାଉ ପୃଥିବୀ ପୃଷ୍ଠର ଘଟଣା ଗୁଡିକ ବ୍ୟତୀତ ମୃତ୍ୟୁ ପରବର୍ତ୍ତୀ ଯମ ଯନ୍ତ୍ରଣା ଜନିତ ଭୟ ମଦ୍ଧ୍ୱ ଏକ ସାଙ୍ଘାତିକ ଭୟାବହତା ସୃଷ୍ଟି କରିଥାଏ ମଣିଷ ମନରେ ଯାହା କେହି ଆଜି ପର୍ଯ୍ୟନ୍ତ ଦେଖି ନାହାନ୍ତି ବରଂ ଏକ କୁହେଳିକାର ଛାୟା ଭଳି ସବୁବେଳେ ଘୁରି ବୁଲୁଥାଏ ଆମ ମନରେ ! କେବଳ ମୃତ୍ୟୁ, ଯାହା ସମଗ୍ର ପ୍ରାଣୀ ଜଗତ ପାଇଁ ଏକ ଅନିବାର୍ଯ୍ୟ ସତ୍ୟ ବ୍ୟତୀତ ଆଉ ସବୁ ଗୁଡିକ ଭୟ ପ୍ରାକୃତିକ ନିୟମ ବହିର୍ଭୁତ ଯାହା ମଣିଷ ନିଜେ ହିଁ ସୃଷ୍ଟି କରିଛି । ଜଣେ ନିର୍ବୋଧ ସେହି ମନୁଷ୍ୟକୃତ ଭୟ ଗୁଡିକରେ ଛନ୍ଦି ହୋଇ ଜୀବନର ପ୍ରତ୍ୟେକ ସମୟରେ ଭୟଭୀତ ହୋଇ ଜୀବନ ଅତିବାହିତ କରୁଥାଏ । ତଦ୍ୱାରା କେତେକ ଚତୁର ମଣିଷ ଯଥେଷ୍ଟ ଲାଭବାନ ହେଉଛନ୍ତି । ତେଣୁ ସାଧାରଣରେ ଅମାନୁଷିକ ଅଜ୍ଞାନ ଚତୁର ମଣିଷ ସମୂହ ସମାଜରେ ବିଭିନ୍ନ ପ୍ରକାର ଭୟ ଭିନ୍ନ ଭିନ୍ନ ରୂପରେ ସୃଷ୍ଟି କରିଥା'ନ୍ତି ନିଜର ପତିଆରା ବିସ୍ତାର କରିବା ପାଇଁ । ସେଗୁଡିକୁ ସମୀକ୍ଷା କରିବା ଜ୍ଞାନ ବହିର୍ଭୁତ ସାଧାରଣ ନିର୍ବୋଧ ଜୀବନର ସବୁ ମୁହୂର୍ତ୍ତରେ ଭୟାତୁର ହୋଇ କେତେବେଳେ କାହାର ପ୍ରରୋଚନାରେ ପଡି ନିଜକୁ ନିଜେ ନିଷ୍ପେସିତ, ପ୍ରତାରିତ କରିବାରେ ଆଦୌ କୁଣ୍ଠା ବୋଧ କରୁନଥିବା ଭଳି ଏକ ଦୁରାରୋଗ୍ୟ ବିଷୟ ଆଜିର ପ୍ରଧାନ ସମସ୍ୟା ଦଣ୍ଡାୟମାନ ଆମ ସମାଜରେ । ଏ ସବୁ ରୁ ନିସ୍ତାର ନାହିଁ ପ୍ରାକୃତିକ ସତ୍ୟକୁ ନବୁଝିବା ପର୍ଯ୍ୟନ୍ତ । ହେଲେ ଜଣେ ସାଧାରଣ ମଣିଷ ପ୍ରାକୃତିକ ସତ୍ୟକୁ ବୁଝିବା ପରେ ତାର ଭୟ ଦୂର ହେବ କେମିତି ? ଅତ୍ୟନ୍ତ ଦୁଃଖର ବିଷୟ ଏହାକି ଯେ ପ୍ରାକୃତିକ ବାସ୍ତବ ସତ୍ୟକୁ ପ୍ରକଟ କରିବା ଭଳି ମଣିଷ ଆଜି ଅତ୍ୟନ୍ତ ବିରଳ ଆମ ସମାଜରେ ! ସମସ୍ତେ କେବଳ ମିଥ୍ୟାର ଆଶ୍ରାରେ ଜୀବନ ଅତିବାହିତ କରୁଛନ୍ତି ମିଥ୍ୟାଗ୍ରାହୀ, ମିଥ୍ୟାଚାରୀ, ମିଥ୍ୟାବାଦୀ ହୋଇ ! ଏହିଭଳି ଏକ ଦୁଃସମୟରେ ଯଦି କେହି ସତ୍ୟର ପ୍ରକଟ କରନ୍ତି ତାହେଲେ ସେ ଅପବାଦ ଓ ଘୃଣାର ପାତ୍ର ହେବା ଛଡା ତାଙ୍କର ଗ୍ରହଣୀୟତା ଆଦୌ ରହୁନାହିଁ ସମାଜରେ । ତେଣୁ ଆମେ ଏକ ରକମ ମିଥ୍ୟାଭରା ସମାଜର ଜଣେ ଜଣେ ଅସଭ୍ୟ ମଣିଷ ଆଜି ସମୟର । ପ୍ରାକୃତିକ ସତ୍ୟକୁ ଜାଣିଲେ ଉପସ୍ଥିତ ସମୟର ମିଥ୍ୟାଭରା ଉପାଖ୍ୟାନ ଗୁଡିକୁ ବୁଝିହେବ ସହଜରେ ଯେ କେମିତି ଆମେ ଜୀବନର ପ୍ରତି ମୁହୁର୍ତ୍ତରେ କେବଳ ମିଥ୍ୟାଭରା ପ୍ରରୋଚନା ଦେଇ ଗତି କରୁଛେ । ଆଉ ସେହି ମିଥ୍ୟାଭରା ପ୍ରରୋଚନା ଗୁଡିକର ସମୀକ୍ଷା ଜ୍ଞାନ ଉଦୟ ହେବା ପରେ ଆମର ପ୍ରାକୃତିକ ସୃଜନଶୀଳତା ସୃଷ୍ଟି ହେବା ସହିତ ମନରୁ ମନୁଷ୍ୟକୃତ କୃତ୍ରିମ ଭୟ ଗୁଡିକ ଦୂର ହୋଇଯିବ । ମଣିଷ ନିଜେ ସୃଜନଶୀଳ ହେବା ପରେ କାହାର ପ୍ରରୋଚନାରେ ସହଜରେ ପ୍ରଭାବିତ ନହୋଇ ନିଜ ଜୀବନର ପଥ ନିଜେ ପରିସ୍କାର କରିବାରେ ସମର୍ଥ ହାସଲ କରି ପାରିବ । ତାହା ଦ୍ୱାରା ମଣିଷ ଜୀବନର ବାସ୍ତବତା ଉପରେ ଜ୍ଞାନ ଆହରଣ କରି ନିଜକୁ ଜଣେ ବାସ୍ତବ କୃତି ମଣିଷ ଭଳି ଗଢି ତୋଳିବାରେ ସହଜରେ ସମର୍ଥ ହୋଇ ପାରିବ । ବର୍ତ୍ତମାନ ମନରେ ପ୍ରଶ୍ନ ଉଠୁଛି ଯେ ଜଣେ ସାଧାରଣ ନିର୍ବୋଧ ମଣିଷ ଆଜି ସମୟରେ ଏସବୁ କରିବା କ'ଣ ସହଜ କାର୍ଯ୍ୟ ? ଆଉ ତା'ର ପ୍ରକୃତ ପଥ ପ୍ରଦର୍ଶକ କିଏ ଅଛନ୍ତି ଯେ ସେ ତା'ର ସନ୍ଧାନ କେମିତି ପାଇବ ? କୁହାଯାଇଥିବା ବିଷୟ ଗୁଡିକ ଏତେ ସହଜରେ ଆମ ସମାଜରେ ଆଜି ସମୟରେ ଉପଲବ୍ଧ ନୁହେଁ ଏହା ସତ୍ୟ । କି'ନ୍ତୁ ଜିଜ୍ଞାସୁ ମଣିଷ ନିଶ୍ଚିତ ଭାବେ ଜାଣିପାରିବ ଯେ କେମିତି ସେଗୁଡିକୁ ଆୟ କରାଯିବ ଏବଂ ତାର ପ୍ରକୃତ ମାର୍ଗଦର୍ଶୀ କିଏ ? ଏହା ଏକ ନିରୋଳା ଗ୍ରହଣୀୟତା ଯେ ପ୍ରବଚକ କିମ୍ବା ଧର୍ମଗୁରୁଙ୍କ ମାଦ୍ଧ୍ୱମରେ ଏସବୁ ପାଇବା ସମ୍ଭାବନା ଥାଏ ! କି'ନ୍ତୁ ସେମାନେ ମଦ୍ଧ୍ୱ ସେହି ଚତୁର ଗୋଷ୍ଠୀ ସଂଶ୍ଳିଷ୍ଟ ଯିଏ କେବଳ କିଛି ବହିରୁ କେତେକ ବିଷୟକୁ ମୁଖସ୍ଥ କରି ସେଗୁଡିକ ନିର୍ବୋଧଙ୍କ ଆଗରେ ବଖାଣି ଥା'ନ୍ତି ଯାହାର ଉପଯୁକ୍ତ ସମୀକ୍ଷା ଜ୍ଞାନ କିମ୍ବା ନିଜସ୍ୱ ଚେତନା ମଦ୍ଧ୍ୱ ନଥାଏ ସେହି ଲେଖା ଗୁଡିକ ଉପରେ ! କେବଳ ମୁଖସ୍ଥ କେତେକ ବିଷୟ ବ୍ୟତୀତ ମଣିଷ ଜୀବନର ବାସ୍ତବତା କହିଲେ କେବଳ ଧର୍ମ, ଶାସ୍ତ୍ର, ଭଗବାନ, ପରମାତ୍ମା ଛଡା ଆଉ କିଛି ଜାଣନ୍ତି ନାହିଁ ସେମାନେ !

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ହନୁମାନ ଜୟନ୍ତୀ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଙ୍ଗ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୧୬/୪(ନି/ପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଶ୍ରୀ ହନୁମାନ ଜୟନ୍ତୀ ଅବସରରେ ଆଜି ସାରା ସମ୍ବଲପୁର ସହର ଆଧ୍ୟାତ୍ମିକମୟ ହୋଇଉଠିଛି । ହନୁମାନ ଜୟନ୍ତୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ଆମ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଆଜି ସମ୍ବଲପୁରର ବିଭିନ୍ନ ସ୍ଥାନରେ ଆୟୋଜିତ ଭବ୍ୟ ଉତ୍ସବ ଏବଂ ଶୋଭାଯାତ୍ରାରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସହରର ବିଭିନ୍ନ ପଡ଼ା ଓ କୋଲୋନୀ ଗୁଡ଼ିକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସହ ସମୟ ଅତିବାହିତ କରିଥିଲେ । ବିଶେଷ କରି ଶୋଭାଯାତ୍ରାରେ ହନୁମାନ ବେଶରେ ସଜ୍ଜିତ ହୋଇଥିବା କୁନି ପିଲାମାନଙ୍କ ଉତ୍ସାହ ଦେଖି ସେ ଅତ୍ୟନ୍ତ ଆନନ୍ଦିତ ହେବା ସହ ସେମାନଙ୍କ ଗହଣରେ କିଛି ସମୟ ବିତାଇଥିଲେ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, 'ସମ୍ବଲପୁରର ହନୁମାନ ଜୟନ୍ତୀ ସାରା ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ବହନ କରେ । ଏଠାକାର ଭକ୍ତିମୟ ପରିବେଶ ଏବଂ ସାମାଜିକ ସଦଭାବନା ଅତୁଳନୀୟ । ଆଜି ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ଓ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହେବାର ସୌଭାଗ୍ୟ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ସମ୍ବଲପୁର ସହରର ବିଭିନ୍ନ ମାର୍ଗରେ ବାହାରିଥିବା ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇ ସେ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ସମୃଦ୍ଧି ଓ କଲ୍ୟାଣ ପାଇଁ ମହାବୀରଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସମ୍ବଲପୁରର ଏହି ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିଥିବାରୁ ସେ ସମସ୍ତ ଆୟୋଜକ କମିଟି ଓ ଶ୍ରଦ୍ଧାଳୁଙ୍କୁ ସାଧୁବାଦ ଜଣାଇଛନ୍ତି । ଆଜି ସମ୍ବଲପୁର ଗସ୍ତକାଳରେ ଶ୍ରୀ ପ୍ରଧାନ ବୁର୍ଲା ଗୌଡ଼ପାଲି, ବିବେକାନନ୍ଦ ଛକ, ହୀରାକୁଦ ଲରିଆପଡ଼ା, ଦେବେଇପାଲି ଶ୍ରୀରାମାୟଣୀ, ବାମରା ଗୋବିନ୍ଦପୁର ସମେତ ବିଭିନ୍ନ ହନୁମାନ ମନ୍ଦିରରେ ମଧ୍ୟ ଦର୍ଶନ କରିଥିଲେ ।

ଏବିଭିପି ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ସମ୍ବଲପୁର,୧୬/୪(ନି/ପ୍ର): ଏବିଭିପି ସମ୍ବଲପୁର ନଗର ତରଫରୁ ଡ଼ ଭୀମରାଓ ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀରେ ମୋଦିପଡ଼ା ସ୍ଥିତ ତାଙ୍କ ପ୍ରତିମୂର୍ତିରେ ଫୁଲମାଳ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଓ ଏହା ସହିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବିଭିପି ଶାଖା ତରଫରୁ ମଧ୍ୟ ଭାରତ ରତ୍ନ ବାବାସାହେବ ଆମ୍ବେଦକରଙ୍କୁ ମନେ ପକାଇ ତାଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ତାଙ୍କୁ ସ୍ମରଣ କରାଯାଇଥିଲା । ଏଥିରେ ଓଡ଼ିଶା ପଶ୍ଚିମର ପ୍ରାନ୍ତ ସମ୍ପାଦକ ସ୍ୱେତାଂଶୁ ବରେଇ ବାବାସାହେବଙ୍କ ଦେଶ ପାଇଁ ବଳିଦାନ ବିଷୟରେ ବିଷୟ ରଖିଥିଲେ । ଏଥିରେ ବିଭାଗ ସଂଗଠନ ସମ୍ପାଦକ ବିଜୟ କଳତା ଓ ପ୍ରାନ୍ତ ବିଶ୍ୱବିଦ୍ୟାଳୟ ସମ୍ପାଦକ ଯସୱାର୍ଦ୍ଧନ ତିୱାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସହସଂଯୋଜକ ବିବେକ ତିୱାରୀ ଆୟୋଜନ କରିଥିବା ବେଳେ,ନଗର ସମ୍ପାଦକ ଦେବାଶିଷ ଶେନ୍ଦ୍ରିଆ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରେଖା ବେହେରା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନିଖିଲ ପୂଜାରୀ,ନିହାର ପଣ୍ଡା,ନିଖିଲ ଅଗ୍ରୱାଲ, ରୋହିତ ବଢ଼େଇ, ଅଭିନାଶ ବାରିକ ,ଓମ୍ ପ୍ରକାଶ ଦଳପତ୍, ହେମନ୍ତ ବିଶ୍ୱାଳ, ସିଦ୍ଧାନ୍ତ ଶଙ୍କର ପଣ୍ଡା, ସ୍ୱସ୍ତିକ ସାହୁ, ଆତୋଷ ପଧାରୀ, ଆଦିତ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

'ପ୍ଲାଙ୍କା' ପକ୍ଷରୁ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୧୬/୪(ନି/ପ୍ର): ପଶ୍ଚିମ ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ, ଟାଣୁଆ ବିପ୍ଳବୀ ନେତା, ତଥା ଜନ ସେବକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରର ନନ୍ଦପଡାର ପଣ୍ଡିତ ଲକ୍ଷ୍ମୀନାରାୟଣ କଲ୍ଚରାଲ ଏସୋସିଏସନ୍ (ପ୍ଲାଙ୍କା) ର ସଭ୍ୟ ମାନଙ୍କ ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ମିଶ୍ରଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସବୁ ବର୍ଗର ଲୋକେ ଉପଯୁକ୍ତ କର୍ମ କରି ଚାଲିଲେ ସମାଜର ଉନ୍ନତି ସାଧିତ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ବୋଲି ଅନୁଷ୍ଠାନ ର ସମ୍ପାଦକ ସନ୍ତୋଷ ମିଶ୍ର ସୂଚନା ଦେଉଛନ୍ତି ।

ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୧୬/୪(ନି/ପ୍ର): ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ହେଉଛନ୍ତି ଶୌର୍ଯ୍ୟ, ଧୈର୍ଯ୍ୟ ଓ ପରାକ୍ରମର ପ୍ରତୀକ । ସମ୍ବଲପୁର ଦଲାଇପଡ଼ା ଠାରେ ଲୋକାର୍ପିତ ହୋଇଥିବା 'ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ' ଆଗାମୀ ପିଢ଼ିକୁ ନିଜର ଐତିହ୍ୟ ଓ ଇତିହାସ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ୨ ଦିନିଆ ସମ୍ବଲପୁର ଗସ୍ତରେ ଥିବା ଶ୍ରୀ ପ୍ରଧାନ ବୁଧବାର ଏହି ସଂଗ୍ରହାଳୟକୁ ଉଦଘାଟନ କରି କହିଛନ୍ତି ଯେ, ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତି ସଂଗ୍ରହାଳୟର ଉଦଘାଟନ ଆମର ସ୍ୱାଭିମାନ ଓ ବୀରତ୍ୱର ଗାଥାକୁ ସମ୍ମାନ ଜଣାଇବାର ଏକ ଅନନ୍ୟ ପ୍ରୟାସ । ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ 'ଇଟାଂକ୍' ର ମିଳିତ ପ୍ରୟାସରେ ନିର୍ମିତ ଏହି ସଂଗ୍ରହାଳୟ ନିର୍ମିତ ହୋଇଛି । ଏଠାରେ ସମ୍ବଲପୁରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଅନେକ ଦୁର୍ଲଭ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି । ଏଥିସହ ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ ସଂଗ୍ରାମୀ ଏବଂ ଅଂଚଳର ବରେଣ୍ୟ ମହାପୁରୁଷମାନଙ୍କର ଜୀବନ୍ତ କଳାଚିତ୍ର ସ୍ଥାନ ପାଇଛି । ଏହି କଳାକୃତିଗୁଡ଼ିକ ମାଧ୍ୟମରେ ସମ୍ବଲପୁରର ବୀରତ୍ୱ ଗାଥା ଓ ସାଂସ୍କୃତିକ ବିଭବକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ସେ ଆହୁରି କହିଛନ୍ତି ଯେ, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ଅନୁଯାୟୀ, ସମ୍ବଲପୁରର ଇତିହାସ ପ୍ରାୟ ୧୦,୦୦୦ ବର୍ଷରୁ ଅଧିକ ପୁରୁଣା, ଯାହାର ପ୍ରମାଣ ଏଠାକାର ଗୁମ୍ଫା ଚିତ୍ରକଳା ତଥା ରକ୍ ଆର୍ଟରୁ ମିଳିଥାଏ । ମା' ସମଲେଶ୍ୱରୀଙ୍କ ପୀଠ ଏବଂ ମହାନଦୀ ଅବବାହିକାରେ ଥିବା ଏହି ଅଂଚଳ ଜଙ୍ଗଲ, ଚାଷ ଓ ଲୋକ ସଂସ୍କୃତି ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରେ । ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଆମର ଆଂଚଳିକ ସଂଗ୍ରାମୀମାନଙ୍କ ଗାଥାକୁ ସାରା ଦେଶରେ ପହଚାଂଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ ସମ୍ବଲପୁରବାସୀ ଏବଂ ବିଶେଷ କରି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ଏହି ସଂଗ୍ରହାଳୟ ପରିଦର୍ଶନ କରିବାକୁ ନିମନ୍ତ୍ରଣ କରିଛନ୍ତି । ଏହାବ୍ୟତୀତ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ହୋଇଥିବା ଆଲୋଚନାରେ ସମ୍ବଲପୁରରେ ଏକ ନୂତନ 'ଆର୍ଟ, ମ୍ୟୁଜିକ୍ ଏବଂ କ୍ରାଫ୍ଟ କଲେଜ' ପ୍ରତିଷ୍ଠା ପାଇଁ ଚର୍ଚ୍ଚା ହୋଇଥିବା ସେ କହିଛନ୍ତି । ଏହା ସହିତ ସ୍ଥାନୀୟ କଳାକାରମାନଙ୍କ ପାଇଁ ନିର୍ମାଣାଧୀନ ଅଡିଟୋରିୟମ୍ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ଦିନରେ ସମ୍ବଲପୁରର ପ୍ରସିଦ୍ଧ ପଂଚବାଦ୍ୟ, ଡାଲଖାଇ ଓ ରଙ୍ଗବତୀ ପରି ସାଂସ୍କୃତିକ ଐତିହ୍ୟକୁ ଆହୁରି ଭବ୍ୟ କରିବା ଏବଂ କଳାକାରମାନଙ୍କୁ ଉପଯୁକ୍ତ ମଂଚ ପ୍ରଦାନ କରିବା ଆମର ପ୍ରାଥମିକତା ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

ସରକାରୀ ମହିଳା ମହାବିଦ୍ୟାଳୟ ରେ ବାର୍ଷିକ ପତ୍ରିକା 'ଅନନ୍ୟା' ବିତରଣ

ବଲାଙ୍ଗିର, ୧୬/୪(ନି/ପ୍ର): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ରେ ବାର୍ଷିକ ପତ୍ରିକା 'ଅନନ୍ୟା' ଯୁକ୍ତ ୨ରୁ ସ୍ନାତୋକୋତ୍ତର ର ସମସ୍ତ କଳା ଓ ବିଜ୍ଞାନ ଛାତ୍ରୀଙ୍କୁ ବିତରଣ କରାଯାଇଥିଲା ।ଏହି ବିତରଣ ଉତ୍ସବରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡଃ. ଅରବିନ୍ଦ କୁମାର ଓଝା ଛାତ୍ରୀମାନଙ୍କର ସାହିତ୍ୟିକ ପ୍ରତିଭାକୁ ପ୍ରଶଂସା କରିଥିଲେ ଏବଂ ଏପରି ସୃଜନଶୀଳ ପ୍ରୟାସ ତାଙ୍କର ବ୍ୟକ୍ତିତ୍ୱ ବିକାଶରେ ମୁଖ୍ୟ ଭୂମିକା ନେବ ବୋଲି କହିଥିଲେ ।ପତ୍ରିକା 'ଅନନ୍ୟା' ର ସଫଳ ପ୍ରକାଶନ ପଛରେ ସମ୍ପାଦନାମଣ୍ଡଳୀର ସହକାରୀ ଅଧ୍ୟାପକ ସଂସ୍କୃତ ବିଭାଗ ଡଃ.ସଦାଶିବ ମଲ୍ଲିକ,ସହକାରୀ ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ ରତିକାନ୍ତ ନାଏକ,ସହକାରୀ ବିଭାଗ ଅଧ୍ୟକ୍ଷା ଇଂରାଜୀ ବିଭାଗ ଡଃ.ଅନୁରାଧା ମିଶ୍ର ଙ୍କ ଭୂମିକା ଅଛି ବୋଲି ପତ୍ରିକାର ସମ୍ପାଦକ ଅଧ୍ୟକ୍ଷ ଡଃ.ଅରବିନ୍ଦ ଓଝା ମତ ପ୍ରକାଶ କରିବା ସହ ପତ୍ରିକାର ସାମଗ୍ରୀ ଚୟନ, ସମ୍ପାଦନା,ଭାଷା ଶୈଳୀ ର ସୁନିର୍ଶ୍ଚିତତା ଗୁଣତ୍ୱ ରକ୍ଷାରେ ସେମାନଙ୍କ ନିଷ୍ଠା ପୂର୍ଣ୍ଣ ପ୍ରୟାସ ଅନନ୍ୟା କୁ ଏକ ଉଚ୍ଚ ମାନର ମୁଖପତ୍ର ଭାବେ ପରିଚିତ କରାଇଛି ।ବାର୍ଷିକ ପତ୍ରିକା 'ଅନନ୍ୟା'ର ପ୍ରଥମ ପୃଷ୍ଠା ଆକର୍ଷଣ ର କେନ୍ଦ୍ରବିନ୍ଦୁ ହୋଇଛି ।ପତ୍ରିକାର ପ୍ରଚ୍ଛଦ ପୃଷ୍ଠା ରେ ସ୍ଥାନ ପାଇଥିବା ଏହି ଚିତ୍ରଟି କେବଳ ଏକ ସାଧାରଣ ଚିତ୍ର ନୁହେଁ, ବରଂ ଏହା ଶିକ୍ଷା,କଳ୍ପନା ଓ ସ୍ୱପ୍ନର ଏକ ସୁନ୍ଦର ସମନ୍ୱୟକୁ ପ୍ରତିଫଳିତ କରୁଛି ।ଚିତ୍ରରେ ଦେଖାଯାଉଛି ଜଣେ ଛାତ୍ରୀ ପୃଥିବୀର ଗ୍ଲୋବ ଉପରେ ବସି ଗୋଟିଏ ପୁସ୍ତକ ପଢୁଛନ୍ତି ।ଏହି ଦୃଶ୍ୟ ଶିକ୍ଷାର ଶକ୍ତି ଓ ଜ୍ଞାନର ଅସୀମ ସମ୍ଭାବନାକୁ ସ୍ପଷ୍ଟ କରୁଛି ।ଗ୍ଲୋବ ଉପରେ ବସିଥିବା ଛାତ୍ରୀ ଦେଖାଉଛି ଯେ ଶିକ୍ଷା ଦ୍ୱାରା ସମଗ୍ର ପୃଥିବୀକୁ ଜିତିବା ସମ୍ଭବ ।ପୁସ୍ତକ ପଢୁଥିବା ଏହି ଛବି ଜ୍ଞାନାର୍ଜନ ର ପ୍ରତି ଆକର୍ଷଣ ଓ ନିରନ୍ତର ଅଭ୍ୟାସର ପ୍ରତୀକ ଅଟେ ।ଏହି ପ୍ରଚ୍ଛଦ ପୃଷ୍ଠା ର ଅଳଙ୍କରଣ ଦାୟିତ୍ୱ ନିର୍ବାହ କରିଥିଲେ ଅତିଥି ଅଧ୍ୟାପକ ଆଦର୍ଶ ମହାପାତ୍ର ଓ ସିଦ୍ଧାର୍ଥ ଦାଶ ।ସଂସ୍କୃତ ରେ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଛନ୍ତି ସଂସ୍କୃତ ବିଭାଗର ପ୍ରାଧ୍ୟାପକ ଡଃ.ସଦାଶିବ ମଲ୍ଲିକ ।ସମ୍ପାଦକୀୟ ବିବରଣୀ ପରେ ୨୦୨୫ ମସିହାର ମହାବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ର ରଙ୍ଗୀନ ଫୋଟୋ ଚିତ୍ର କୁ ନେଇ 'ବର୍ଷ ୨୦୨୫ ର କିଛି ଅଭୁଲା ସ୍ମୃତି'ଶୀର୍ଷକ ୨୫ଗୋଟି ରଙ୍ଗୀନ ଫୋଟୋ ଚିତ୍ର ସ୍ଥାନ ପାଇଛି ।ସୂଚୀପତ୍ରର ସୂଚନା ଆଧାରରେ ଏହି ପତ୍ରିକାରେ ୭ଟି ଓଡ଼ିଆ ପ୍ରବନ୍ଧ,୫ଟି ଓଡ଼ିଆ ଗଳ୍ପ,୧୬ଟି ଓଡ଼ିଆ କବିତା,ହିନ୍ଦୀ ର ଗୋଟିଏ ପ୍ରେରଣା ଦାୟକ କାହାଣୀ ସହ ୫ଟି ହିନ୍ଦୀ କବିତା,୧୨ଟି ସଂସ୍କୃତ ପ୍ରବନ୍ଧ,୬ଟି ଇଂରାଜୀ ପ୍ରବନ୍ଧ ଓ ୫ଟି ଇଂରାଜୀ କବିତା ସ୍ଥାନ ପାଇଛି ।ତା' ପରେ 'ଅନନ୍ୟା' ଶୀର୍ଷକ ପତ୍ରିକା ର ମାଲିକାନା ତଥା ବୈଶିଷ୍ଟ୍ୟ ସମ୍ପର୍କୀୟ ବିବରଣୀ ପ୍ରଦାନ କରାଯାଇଛି ।ଏହା ସହ ବର୍ଷ ୨୦୨୪-୨୫ରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବିଭାଗର ରାଷ୍ଟ୍ରୀୟ ସଂଗୋଷ୍ଠୀ ର ରଙ୍ଗୀନ ଫୋଟୋ ଚିତ୍ର ସ୍ଥାନିତ ହୋଇଛି ।ପତ୍ରିକାର ଅନ୍ତିମ ଫର୍ଦ୍ଦରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ର କ୍ୟାଡେଟ ମାନଙ୍କ ସହ ଉଠେଇଥିବା ଫୋଟୋ ମାଧ୍ୟମରେ ଶିକ୍ଷା ସହିତ ଆତ୍ମବିଶ୍ୱାସ,ଏକତା,ସେବା ଭାବ,ନେତୃତ୍ୱ ଗୁଣ ଓ ଦେଶଭକ୍ତି ର ଶିକ୍ଷା ଦିଆଯାଉଥିବା ଦର୍ଶାଯାଇଛି ।

ବୁର୍ଲା ଭିସୁଟ ପରିସରରେ 'ଜୋହୋ ସ୍କିଲ୍ ହବ୍' ଓ ପେଟିଏମ୍ 'ଜ୍ଞାନ ବାହାନ' ଲୋକାର୍ପିତ

'ଜୋହୋ ସ୍କିଲ୍ ହବ୍' ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ଅଧିକ ଦକ୍ଷ ଓ ସମର୍ଥ କରିବ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର/ବୁର୍ଲା, ୧୬/୪(ନି/ପ୍ର): ବର୍ତ୍ତମାନର ପରିବର୍ତ୍ତିତ ବିଶ୍ୱରେ କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଯଥେଷ୍ଟ ନୁହେଁ, ବରଂ 'ଦକ୍ଷତା ଆଧାରିତ ଶିକ୍ଷା' ହିଁ ଜଣେ ଛାତ୍ରର ପ୍ରକୃତ ପରିଚୟ ବୋଲି ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରିବା ସହ ପେଟିଏମ୍-ୱିଜଡମ୍ ଅନ୍ ହୁଇଲ୍ସ (ଜ୍ଞାନ ବାହାନ)ର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ବିଶ୍ୱସ୍ତରୀୟ ଆଇଟି କମ୍ପାନୀ 'ଜୋହୋ' ସହଯୋଗରେ ସ୍ଥାପିତ 'ଜୋହୋ ସ୍କିଲ୍ ହବ୍'କୁ ଲୋକାର୍ପଣ କରି ମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ତାଲିମ କେନ୍ଦ୍ର ନୁହେଁ ବରଂ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ୍ । ଏଠାରେ ଅତ୍ୟାଧୁନିକ କ୍ଲାସରୁମ୍ ଓ ପାର୍ଟନର ଅଫିସ୍ ଜରିଆରେ ଛାତ୍ରଛାତ୍ରୀମାନେ ବାସ୍ତବିକ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ପାଇବେ । ସମ୍ବଲପୁର ସମେତ ଆଖପାଖ ଅଂଚଳର ଛାତ୍ରଛାତ୍ରୀ ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ତାଲିମ ପାଇପାରିବେ । ଜୋହୋ ସ୍କିଲ୍ ହବ୍ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ନିପୁଣ କରିବ । ଯେଉଁମାନେ ନିଜର ଦକ୍ଷତା ପ୍ରମାଣିତ କରିବେ, ସେମାନଙ୍କୁ ଜୋହୋର ପାର୍ଟନର ନେଟୱାର୍କ ସହ ଦେଶ-ବିଦେଶରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ । ଜୋହୋ ପକ୍ଷରୁ ଜବମର୨ଉକ୍ଷଙ୍କଙ୍କୟ ପରି ସଂସ୍ଥାଗୁଡ଼ିକ ଓଡ଼ିଶାରେ ନିଜର ବେସ୍ ସ୍ଥାପନ କରିବା ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଏକ ମଡେଲ ସାଜିବ । ଶ୍ରୀ ପ୍ରଧାନ କହିଛନ୍ତି, ସାମାଜିକ ଦାୟିତ୍ୱବୋଧର ଏକ ଅଂଶସ୍ୱରୂପ ପେଟିଏମ ଫାଉଣ୍ଡେସନ ଏବଂ ଭିସୁଟର ମିଳିତ ସହଯୋଗରେ ଜ୍ଞାନ ବାହନର ଶୁଭାରମ୍ଭ ପ୍ରଶଂସନୀୟ । ଏହି ଅତ୍ୟାଧୁନିକ ବସ୍ ଗ୍ରାମାଂଚଳର ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ପ୍ରଦାନ କରିବ। ଏହି ପଦକ୍ଷେପ ତୃଣମୂଳ ସ୍ତରରେ ଡିଜିଟାଲ୍ ପେମେଂଟ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଜୋହୋ, ପେଟିଏମ ଏବଂ ଭିସୁଟକୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ବୁର୍ଲାର ଭିସୁଟ ଅନୁଷ୍ଠାନ ସର୍ବଦା ଗୋଟିଏ ଅଗ୍ରଣୀ ଅନୁଷ୍ଠାନ ଭାବେ ବୈଷୟିକ ଜ୍ଞାନକୌଶଳରେ ନିଜର ଚରିତ୍ରକୁ ପ୍ରତିପାଦିତ କରିଛି । ଭିସୁଟ୍ ସର୍ବଦା ଏକ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ଭାବେ କାର୍ଯ୍ୟଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି । ଜୋହୋ ପରି ବିଶ୍ୱସ୍ତରୀୟ କମ୍ପାନୀର ସହଯୋଗରେ ଏବେ ସମ୍ବଲପୁରର ଇଞ୍ଜିନିୟରିଂ ଓ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଟେକ୍ନୋଲୋଜିରେ ଦକ୍ଷ ହୋଇ ନିଜକୁ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବେ । ସମ୍ବଲପୁରର ଶିକ୍ଷା କ୍ଲଷ୍ଟର ସମ୍ପର୍କରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି ଯେ, ଭିସୁଟର ବୈଷୟିକ ଜ୍ଞାନକୌଶଳ, ଭିମସାରର ଚିକିତ୍ସା ବିଜ୍ଞାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ଏବଂ ଆଇଆଇଏମ. ସମ୍ବଲପୁରର ମ୍ୟାନେଜମେଂଟ ଦକ୍ଷତାକୁ ସମନ୍ୱିତ କରି ଏକ 'ମଲଟି-ଡିସିପ୍ଲିନାରୀ' ଶିକ୍ଷା ବ୍ୟବସ୍ଥା ତିଆରି କରାଯିବ । ଏଥିପାଇଁ ସବୁ ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକମାନେ ଯୋଜନା କରିବା ଦରକାର । ଆଇଆଇଟି ମାଡ୍ରାସ ସହ ମିଶି ପାଠ୍ୟକ୍ରମର ଆଧୁନିକୀକରଣ ଏବଂ ଆଇଆଇଟି କାନପୁର ସହ ସହରୀ ସ୍ଥାୟୀ ବିକାଶ ପାଇଁ ହୋଇଥିବା ଚୁକ୍ତି ବୁର୍ଲାକୁ ଏକ ବିଶ୍ୱସ୍ତରୀୟ ଜ୍ଞାନର କେନ୍ଦ୍ର ଓ ରୋଜଗାର ସୃଷ୍ଟିର ପ୍ରମୁଖ ସ୍ଥଳରେ ପରିଣତ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

ଶୁଭମ ପକ୍ଷରୁ ଡ଼ ବି ଆର ଆମ୍ବେଦକରଙ୍କ ଜୟନ୍ତୀ, ଆମ୍ବେଦକରଙ୍କ ବିଚାର ଧାରା ସମାଜରେ ପ୍ରତିଫଳନ ହେଉ

ଭଦ୍ରକ,୧୬/୪(ନି/ପ୍ର): ବାବା ସାହେବ ଭୀମ ରାଓ ଆମ୍ବେଦକର ବହୁ ଘାତ ପ୍ରତିଘାତ ଦେଇ ଗତି କରି ଜୀବନ ରେ ଲକ୍ଷ ପଥରେ ପହଂଚି ପାରିଥିଲେ । ତେଣୁ ସେ ସମାଜ ରେ ଦଳିତ ଗରିବ ଏବଂ ଅବହେଳିତଙ୍କ କଥା ଓ ବ୍ୟଥା କୁ ନିଜେ ହୃଦୟଙ୍ଗମ କରି ଥିବାରୁ ସେମାନଙ୍କୁ କିପରି ନ୍ୟାୟ ଦିଆଯିବ ଏବଂ ସେମାନଙ୍କ ଉତାନ କିପରି ହେବ ସେଥିପାଇଁ ସେ ସମ୍ବିଧାନ ରେ ବିଭିନ୍ନ ଅନୁଛେଦରେ ସମାନଙ୍କ ସୁରକ୍ଷା କଥା ଉଲ୍ଲେଖ କରିଛନ୍ତି। ବିଶେଷ କରି ଦଳିତ, ଗରିବ ଏବଂ ଅବହେଳିତ ଙ୍କୁ ସାମାଜିୟ ନ୍ୟାୟ ଓ ସାମାଜିକ ସୁରକ୍ଷା କିପରି ମିଳିବ ସେଥିପାଇଁ ସେ ଜୀବନ ରେ ଶେଷ ପର୍ଯ୍ୟନ୍ତ ଅହରହ ଉଦ୍ୟମ ଜାରି ରଖିଥିଲେ। ତେଣୁ ତାଙ୍କର ସେହି ବିଚାର ଧାରା ସମାଜ ରେ ପ୍ରତିଫଳନ ହେଲେ ଅନେକ ଗରିବ ଦରିଦ୍ର ଅସହାୟ ଲୋକେ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରନ୍ତେ ବୋଲି ତିହିଡି ବ୍ଲକ ବୋଡ଼କ ଠାରେ ଭାରତ ସରକାର ଙ୍କ ମାଇଁ ଭାରତ ସଂଗଠନ ସହଯୋଗ ରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ଡ଼ ବି ଆର ଆମ୍ବେଦକର ଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ସମାରୋହ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇ କହିଛନ୍ତି। ଏଥି ଉପଲକ୍ଷେ ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳଙ୍କ ସଭାପତିତ୍ୱ ରେ ଜୟନ୍ତୀ ସମାରୋହ ମହା ଆଡମ୍ବର ସହିତ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହ ରେ ମୁଖ୍ୟ ଅତିଥି ଭାବେ ତିହିଡି ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷା ତଥା ଜିଲ୍ଲା ପରିଷଦ ସଭ୍ୟା ବିଦ୍ୟୁତ ଲତା ନାୟକ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଆଇନଜୀବି ବନମାଳୀ ଜେନା , ସମ୍ମାନିତ ଅତିଥି ଭାବେ ପିଏମ ଶ୍ରୀ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡା, ଶିକ୍ଷାବିତ ସୁବାସ ଚନ୍ଦ୍ର ଦାସ, ସମ୍ମାନିତ ବକ୍ତା ଭାବେ ଜିଲ୍ଲା ଦଳିତ ମହାସଂଘ ସଭାପତି ରାଜେନ୍ଦ୍ର ଜେନା, ସମିତି ସଭ୍ୟ ଜୟ ପ୍ରକାଶ ମଲ୍ଲିକ, ସରପଂଚ ପ୍ରତିନିଧି ବିଷ୍ଣୁ ମୋହନ ଜେନା, ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ର ଯୁବ ସଭାପତି ଅଭୟ ମଲ୍ଲିକ, ସମାଜସେବୀ କ୍ଷୀରସିନ୍ଧୁ ବାରିକ, ଯୁବ ନେତା ତଥା ଆଇନଜୀବୀ କଳ୍ପତରୁ ପରିଡାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇ ବାବା ସାହେବଙ୍କ ବହୁ ମୁଖୀ ଆଦର୍ଶ, ତାଙ୍କ ବ୍ୟକ୍ତିତ୍ୱ ଏବଂ ଦେଶ ପାଇଁ କରିଥିବା ସ୍ମରଣୀୟ କାର୍ଯ୍ୟ ଏବଂ ତାଙ୍କ ସଂଗ୍ରାମମୟ ଯିବିନି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆମ୍ବେଦକରଙ୍କ ଉପରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଇ କୁଇଜି ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଗୋଲକ ବିହାରୀ ପରିଡା ଓ ଆନନ୍ଦ ଚନ୍ଦ୍ର ପରିଡା ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ଅତିଥି ମାନଙ୍କ ପରିଚୟ ସଂଗଠନ ର ସମ୍ପାଦକ ନରେନ୍ଦ୍ର କୁମାର ସାମଲ ପ୍ରଦାନ କରିଥିଲା ବେଳେ ସଂଗଠନ ର କାର୍ଯ୍ୟକ୍ରମ ସଂଯୋଜକ ଆନନ୍ଦ ଚନ୍ଦ୍ର ପଲାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଂଗଠନ ର ସଭାପତି ହୃଷିକେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀ ଓ ଯୁବକ ମାନଙ୍କୁ ନେଇ ଏକ ପଦଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି ଜୟନ୍ତୀ ସମାରୋହ ରେ ବୋଡ଼କ ପଂଚାୟତ ବିଭିନ୍ନ ଅଂଚଳ ରୁ କୃଷକ ଦଳିତ ଓ ସଚେତନ ନାଗରିକ ମାନେ ଯୋଗ ଦେଇ ବାବା ସାହେବ ଙ୍କ ଫଟୋ ଚିତ୍ରା ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ କୁ ପ୍ରଧାନ ଶିକ୍ଷକ ଦୟାନିଧି ନାୟକ, ସଂଗଠନ ର ବରିଷ୍ଠ ସଦସ୍ୟ ଚକ୍ରଧର ଜେନା, ଦୀନବନ୍ଧୁ ପତି, ଦୁର୍ଗା ଚରଣ ଜେନା, ଲକ୍ଷ୍ମୀଧର ରାଉଳ, ବାବାଜୀ ଚରଣ ଭଞ୍ଜ, ସୁନୀଲ କୁମାର ଭୋଇ, ପ୍ରାର୍ଥସାରଥୀ ସାମଲ, ଲିପୁନ ପତି, ରାଜା ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

ଏପ୍ରିଲ ୨୧ରେ ଭାରତର ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ: ବିମାନବନ୍ଦର ପରିସରସ୍ଥ ପଡିଆରେ ରାଷ୍ଟ୍ରପତିଙ୍କ ଉଦବୋଧନ

ରାଉରକେଲା,୧୬/୪(ନି/ପ୍ର): ଚଳିତ ଏପ୍ରିଲ ୨୧ ତାରିଖରେ ଭାରତର ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଉରକେଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିମାନବନ୍ଦର ପରିସରସ୍ଥ ପଡିଆରେ ଏକ ସାଧାରଣ ସଭାରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ତେଣୁ ରାଉରକେଲା ବିମାନବନ୍ଦର ପରିସରସ୍ଥ ପଡିଆକୁ ପ୍ରସ୍ତୁତ କରାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତ ଏବଂ ସଭାସ୍ଥଳ ପରିଦର୍ଶନ ପାଇଁ ଆଜି ସେଠାରେ ପହଚିଂ ଥିଲେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀ। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏପ୍ରିଲ ୨୧ରେ ରାଉରକେଲା ଗସ୍ତ ନେଇ ଓଡ଼ିଶାର ପ୍ରମୁଖ ଶିଳ୍ପ ସହର ରାଉରକେଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଅବସର ଭାବରେ ବର୍ଣ୍ଣନା କରାଯାଉଛି। ତାଙ୍କ ଗସ୍ତ ସମୟରେ, ରାଷ୍ଟ୍ରପତି ପାନପୋଷ ଠାରେ ରାଉରକେଲା ୱାନ୍ ପରିସରରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ ଏବଂ ପରମ୍ପରାକୁ ସଂରକ୍ଷଣ ପ୍ରଦର୍ଶନ କରିବା ସହ ଏହି ପ୍ରକଳ୍ପ ରାଉରକେଲା ପାଇଁ ଏକ ପର୍ଯ୍ୟଟନ ସ୍ଥଳ ଭାବରେ ପରିଗଣିତ ହେବାକୁ ଯାଉଛି। ଭାରତର ମହାମହିମ ରାଷ୍ଟ୍ରପତି ୨୦୨୬ ଅପ୍ରେଲ ୨୧ ତାରିଖରେ ରାଉରକେଲା ଗସ୍ତ ସମୟରେ ପ୍ରମୁଖ ସାର୍ବଜନୀନ ଭିତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ସହିତ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅପ୍ରେଲ ୨୧ ତାରିଖ ୧୧ଟା ୧୦ ସମୟରେ ରାଉରକେଲା ଠାରେ ପହଚିଂ ସନ୍ଧ୍ୟା ୪ଟା ୦୫ ସମୟରେ ପ୍ରସ୍ଥାନ କରିବେ। ଗସ୍ତ ସମୟରେ, ରାଷ୍ଟ୍ରପତି କେତେକ ପ୍ରକଳ୍ପର ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକଳ୍ପଗୁଡିକ ମଧ୍ୟରେ ପାନପୋଷ ହକି ଛକ ନିକଟସ୍ଥ ରାଉରକେଲା ୱାନ୍ ମଧ୍ୟରେ ଥିବା ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର (ଓଙଉଉ) ଏବଂ ଆଦିବାସୀ ସଂଗ୍ରହାଳୟ। ରାଉରକେଲା ଛେଣ୍ଡ ବିଏସ୍ଏନ୍ଏଲ୍ ଛକ ଠାରେ ଥିବା ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ୍। କୋଏଲନଗର ଠାରେ ଥିବା ମନୋରଞ୍ଜନ ପାର୍କ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ସୁନ୍ଦରଗଡ଼ ଜିଲ୍ଲାର ୧୦,୦୦୦ରୁ ଅଧିକ ସ୍କୁଲ ଓ କଲେଜ। ଏଥିସହିତ ଛାତ୍ରଛାତ୍ରୀ ଏବଂ ୩୫ରୁ ଅଧିକ ସାଂସ୍କୃତିକ ଗୋଷ୍ଠୀଙ୍କ ଅଂଶଗ୍ରହଣରେ ଏକ ସାଂସ୍କୃତିକ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ସୁନ୍ଦରଗଡ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବିଭାଗ ଦ୍ୱାରା ୩୦ଟି ଷ୍ଟଲ୍ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରଦର୍ଶିତ ହେବ ବୋଲି ସୂଚନା ମିଳିଛି। ଉଦ୍ଘାଟିତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଅଟକଳ ମୂଲ୍ୟ ଅନୁସାରେ ରାଉରକେଲା ୱାନ୍ ପରିସରରେ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର (ଓଉଉଉ) ୪୮ କୋଟି, ୪୦ କୋଟି ମୂଲ୍ୟ ବ୍ୟୟରେ ନିର୍ମିତ ଆଦିବାସୀ ସଂଗ୍ରହାଳୟ। କୋଏଲ ନଦୀକୂଳ ମନୋରଞ୍ଜନ ପାର୍କ ୪୨.୪୪ କୋଟି। ଛେଣ୍ଡ ଠାରେ ନିର୍ମିତ ବିଜ୍ଞାନ ପାର୍କ ଏବଂ ପ୍ଲାନେଟାରିୟମ୍ ୨୭ କୋଟି ଟଙ୍କାର ବୋଲି ସୂଚନା ଦିଆଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତରେ ରାଉରକେଲାର ସହରାଚଂଳ ଭିଭିଭୂମିକୁ ସୁଦୃଢ଼ କରିବା ସହ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହିତ ସାର୍ବଜନୀନ ସୁବିଧାକୁ ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଏ।

ଶାରଳା ପରିବାରର ମା' ଶାରଳାଙ୍କ ପୂଜା

ରାଉରକେଲା,୧୬/୪(ନି/ପ୍ର): ସାମାଜିକ ଅନୁଷ୍ଠାନ ଶାରଳା ପରିବାର ତରଫରୁ ସେକ୍ଟର-୨୦ ସ୍ଥିତ ଶ୍ରୀ ଶ୍ରୀ ସୋମନାଥ ମନ୍ଦିର ଠାରେ ମା ଶାରଳାଙ୍କ ପୂଜା, ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଭଜନ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଭାତ କିଶୋର ସ୍ୱାଇଁ ଓ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମସ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ କେଦାର ପ୍ରସାଦ ଦାସ ଓ ପ୍ରମିଳା ଦାସ ତଥା ପୂଜକ ଭାବେ ସଞ୍ଜୟ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ସେହିପରି ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପଣା ବଂଟନ ସହ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ସେହିପରି ଯୁବଜ୍ୟୋତି କଳା ପରିଷଦ ତରଫରୁ ମାନସୀ ଦେଙ୍କ ସଂଯୋଜନାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୁଭ୍ରାରାଣୀ କର, ଦେବେନ୍ଦ୍ର ରଣା, ରଶ୍ମିପ୍ରିୟା ରଣା, ଶୁଭଶ୍ରୀ ଭୋଇ, ଲିଲିରାଣୀ ପଣ୍ଡା, ସମୃଦ୍ଧି ପ୍ରତିପ୍ରିତି,ଶରତ ପଣ୍ଡା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କିଛି କର୍ମକର୍ତା ଓ କଳା ପରିଷଦର କର୍ମକର୍ତାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ କୋଷାଧ୍ୟକ୍ଷ ବାଇଧର ପ୍ରଧାନ, ସସ୍ମିତା ପ୍ରଧାନ, ପ୍ରଶାନ୍ତ କୁମାର ତରେଇ,ମଳୟ ନାୟକ, ସୁଧାଂଶୁ ସୁତାର, ଗୌରାଙ୍ଗ ଚରଣ ସ୍ୱାଇଁ, ଭବାନୀ ଦାସ,କବିନ୍ଦ୍ର ସ୍ୱାଇଁ, ସୁଶାନ୍ତ ରାଉତ, ଅକ୍ଷୟ ବାରିକ, କୈଳାଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଅବସରପ୍ରାପ୍ତ ପୁଲିସ ଅଫିସର୍ସ ଆସୋସିଏସନର ଓଡ଼ିଆ ନବବର୍ଷ ପାଳନ

ରାଉରକେଲା,୧୬/୪(ନି/ପ୍ର) : ଅବସରପ୍ରାପ୍ତ ପୋଲିସ ଅଫିସର୍ସ ଆସୋସିଏସନ ତରଫରୁ ସାଧାରଣ ସମ୍ପାଦକ ଡ଼କ୍ଟର ସୁମନ ଦନ୍ତଙ୍କ ନେତୃତ୍ୱରେ ନୂତନ ଓଡ଼ିଆ ବର୍ଷକୁ ସ୍ୱାଗତ କରିବା ସହ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଆମ୍ବେଦକର ଜୟନ୍ତୀ ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ଛକରେ ପାଳନ କରିବା ସହିତ ଜନସାଧାରଣଙ୍କୁ ପଣା ବଟଂନ କାର୍ଯ୍ୟକ୍ରମ କରାଯାଇଥିଲା। ବରିଷ୍ଠ ଉପଦେଷ୍ଟା ଶତ୍ରୁଘ୍ନ ପରିଡା କାର୍ଯ୍ୟକ୍ରମକୁ ଉଦଘାଟନ କରି ଏହି ଦିନର ମହତ୍ୱ ବିଷୟରେ ବୁଝାଇବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଗତ ଦିନରେ ଆସୋସିଏସନ ତରଫରୁ ନିଆଯାଇଥିବା ରକ୍ତଦାନ ଶିବିର, ବୃକ୍ଷରୋପଣ, ବସ୍ତି ଅଂଚଳରେ ଶିକ୍ଷାଦାନ କରିବା ସହ ସ୍ୱାସ୍ଥ୍ୟ ସଚେତନ କରାଇବା, ମାଦକ ଦ୍ରବ୍ୟ ସେବନର ଅପକାରିତା, ସାଇବର କ୍ରାଇମ ବିଷୟରେ ସଚେତନ ରହିବା, ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରଶାସନକୁ ସାହାଯ୍ୟ କରିବା ଦ୍ୱାରା ଜନ ସାଧାରଣଙ୍କର ଆସ୍ଥାଭାଜନ ହୋଇ ପାରିଥିବାରୁ ଆନନ୍ଦ ପ୍ରକାଶ ପାଇଥିଲା। କାର୍ଯକାରୀ ସଭାପତି ଯଦୁମଣି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ସର୍ବଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, କୀର୍ତ୍ତନ ଚନ୍ଦ୍ର ସାମଲ,ପ୍ରମୋଦ ବେହେରା, ନରୋତ୍ତମ ଦଳାଇ, ଶରତ ରାଉତରାୟ, ପଚାଂନନ ବିଶ୍ୱାଳ,ପିତାମ୍ବର କୁଅଁର,ଶଶୀ ଭୂଷଣ ପତି, ମଦନ ନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ। ଆସୋସିଏସନ ତରଫରୁ ଏଇଭଳି ଜନମଙ୍ଗଳ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି ସମସ୍ତେ ଆଗ୍ରହ ପ୍ରକାଶ କରିଥିଲେ।

ଆଦର୍ଶ ପାଠାଗାରର ବିଷୁବ ମିଳନ ୨୦୨୬

ଚଳିତ ବର୍ଷ ବିଷୁବ ସମ୍ମାନରେ ସମ୍ମାନିତ ହେଲେ ପ୍ରଫେସର ସବିତା ପ୍ରଧାନ

ରାଉରକେଲା,୧୬/୪(ନି/ପ୍ର): ରାଉରକେଲା ର ସର୍ବ ପୁରାତନ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାରର ବିଷୁବ ମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୭ ମଧୁମଣ୍ଡପ ଠାରେ ପାଠାଗାରର ସଭାପତି ରାଧାକାନ୍ତ ମିଶ୍ରଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱ ତଥା ଲୋକସମ୍ପର୍କ ଅଧିକାରୀ କୁଞ୍ଜବିହାରୀ ରାଉତଙ୍କ ମଚଂ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ସମ୍ବର୍ଦ୍ଧିତ ଅତିଥି ତଥା ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ତଥା ବର୍ତ୍ତମାନ ବିଶ୍ୱଭାରତୀ ଶାନ୍ତିନିକେତନର ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ସବିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର କାର୍ଯ୍ୟକାରୀ ଅଧ୍ୟକ୍ଷ ଇଂ ଅଭୟ କୁମାର ଦାସ ଓ ପାଠାଗାରର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ଼ ସନାତନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଷୁବ ମିଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ପାଠାଗାରର ସାହିତ୍ୟ ପ୍ରତି ପ୍ରତିବଦ୍ଧତା କୁ ସାଧୁବାଦ ଦେବା ସହ ପାଠାଗାରର ସମସ୍ୟା ପ୍ରତି ଦୃଷ୍ଟି ଦେବେ ମତ ରଖିଥିଲେ। ମୁଖ୍ୟବକ୍ତା ପ୍ରଫେସର ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଲେ ଯେ ବୋଧହୁଏ ଆମ ଭାଷା ସୁରକ୍ଷିତ ନୁହେଁ, ଏହାହିଁ ଆଶଙ୍କା କରାଯାଉଛି। ଭାଷାର ବ୍ୟବହାର ନହେଲେ ତାହା ଧିରେ ଧିରେ କଥିତ ଭାଷା ହୋଇ ରହିଯିବ। ଆସନ୍ତା ୧୦୦ ବର୍ଷ ମଧ୍ୟରେ ୫୦ ପ୍ରତିଶତ ଭାଷା ବିଲୁପ୍ତ ହେବ ବୋଲି ହେବ ବୋଲି ମତ ରଖିବା ସହ ଆମର ଶିକ୍ଷା ବ୍ୟବସ୍ଥା, ଇଂରାଜୀ ବ୍ୟତୀତ ହିନ୍ଦୀ ଭାଷା କିପରି ଆମକୁ କବଳିତ କରି ରଖିଛି ସେ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ । ଏଥିପାଇଁ ଆତ୍ମସମୀକ୍ଷାର କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀ ମିଶ୍ର ସ୍ୱାଗତ ଭାଷଣ, ସମ୍ମାନିତ ଅତିଥି ଇଂ ଦାସ ଅନୁଷ୍ଠାନ ସମ୍ପର୍କରେ ଓ ଅନ୍ୟତମ ସମ୍ମାନିତ ଅତିଥି ଡ଼ ପ୍ରଧାନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଫେସର ସବିତା ପ୍ରଧାନଙ୍କୁ ଚଳିତ ବର୍ଷ ବିଷୁବ ସମ୍ମାନ ୨୦୨୬ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଝିଲିମା ମହାନ୍ତି ମାନପତ୍ର ପାଠ କରିଥିଲେ। ସୂଚନାଯୋଗ୍ୟ ଯେ ପାଠାଗାର ୧୯୫୮ ମସିହାରେ ଆରମ୍ଭ କରାଯାଇଥିଲାବେଳେ ୨୦୦୩ ମସିହାରୁ ରାଜ୍ୟର ପ୍ରଖ୍ୟାତ ସାହିତ୍ୟିକଙ୍କୁ ସମ୍ମାନଜନକ ବିଷୁବ ସମ୍ମାନରେ ସମ୍ମାନିତ କରାଯାଇ ଆସୁଅଛି। ଦ୍ୱିତୀୟ ପର୍ଯ୍ୟାୟରେ କବି ଆର୍ତ୍ତତ୍ରାଣ ମହାପାତ୍ର ଓ ଝିଲିମା ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବଶ୍ରୀ ଡା କୃପାସିନ୍ଧୁ ନାୟକ, ବଳରାମ ରାଉଳ,ଡ କ୍ଷୀରୋଦ ବରାଳ, ଅଶୋକ ପଟ୍ଟନାୟକ, ମୀନକେତନ ପଶାୟତ, ଉପେନ୍ଦ୍ର ବସ୍ତିଆ, ପ୍ରତାପ ପଣ୍ଡା, କୁଞ୍ଜବିହାରୀ ରାଉତ, ସଞ୍ଜୀବ ଭୋଇ,ଧୋବେଇ ବେହେରା, ସବିତା ବସ୍ତିଆ, ସାଗର ମହାନ୍ତି, ବ୍ରଜେନ୍ଦ୍ର ଦାଶ, ତାରିଣୀ ଚରଣ ସାହୁ, ସସ୍ମିତା ପ୍ରଧାନ, ବିଜୟିନୀ ଜେନା,ବ୍ରଜବିହାରୀ ଦାଶ, ରଶ୍ମି ସାହୁ, ସତ୍ୟନାରାୟଣ ଦାଶ, ସୁନିଲ କୁମାର ଦାସ,ବିନିତା ମହନ୍ତ, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାକ୍ତନ ସଭାପତି ଚନ୍ଦ୍ରଶେଖର ଶତପଥୀ ଉଭୟ ସଂଯୋଜକ ଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡା ଉତ୍ତମ ଚରଣ ଜେନା,ଟୁକୁଲା ପାଢ଼ୀ, ବିଜୟ କୁମାର ପାତ୍ର, ପ୍ରଳୟ ଶତପଥୀ, ପ୍ରଦୀପ ପଟ୍ଟନାୟକ, ଅମରେନ୍ଦ୍ର ପାଢ଼ୀ,ଛବି ମହାନ୍ତି, ପଦସମେତ ଶତାଧିକ ସାହିତ୍ୟିକ,କବି, ଶିକ୍ଷାବିତ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଖୋ ଖୋ ପ୍ରତିଯୋଗିତା ଉଦ୍‌ଘାଟିତ

ଖୋର୍ଦ୍ଧା,୧୬/୪: ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ଖୋର୍ଦ୍ଧା ଷ୍ଟାଡିୟମ୍ ଠାରେ ମୁଖ୍ୟମନ୍ତ୍ରୀ ଖୋ ଖୋ ଚମ୍ପିଅନସିପ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରି ଖୋ ଖୋ କ୍ରୀଡ଼ାବିତ୍‌ଙ୍କ ସୁଦୂର ପ୍ରସାରୀ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଖୋଖୋ ପ୍ରତିଯୋଗିତାରେ ୧୬ଟି ଦଳର ୨୪୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ।

ଇଣ୍ଡିଆନ ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

ଧର୍ମଶାଳା,୧୬/୪(ନି/ପ୍ର) :ଯାଜପୁର ଜିଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦାସ୍ଥିତ ଇଣ୍ଡିଆନ୍ ପବ୍ଲିକ ସ୍କୁଲର ୧୨ତମ ବାର୍ଷିକ କ୍ରୀଡା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିସରରେ ଅଧ୍ୟକ୍ଷ ସେକ୍ ଅସମତ୍ ଅଲ୍ଲୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିଶୁ ଅଧିକାର ସୁରକ୍ଷା କର୍ମୀ ମଂଟୁ ଦାସ ,ମୁଖ୍ୟବକ୍ତାଭାବେ ବ୍ରହ୍ମବରଦା ଯୁକ୍ତ ଦୁଇ ମହାବିଦ୍ୟାଳୟର ପ୍ରାକ୍ତନ ଖେଳ ଶିକ୍ଷକ ସେକ୍ ନିଜାମୁଦ୍ଦିନ ଓ ସମ୍ମାନୀତ ଅତିଥିଭାବେ ସାମ୍ବାଦିକ ଚିନ୍ମୟ ନାୟକ ଓ ଆତ୍ମରକ୍ଷା ପ୍ରଶିକ୍ଷକ ସମର ସିଂ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପାଠପଢା ସହିତ ଖେଳ ଉପରେ ଗୁରୁତ୍ୱ ଦେବାକୁପରାମର୍ଶ ଦେଇଥିଲେ । ଏହିଅବସରରେ ଅତିଥିମାନେ ସ୍କୁଲର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅସିହା ସେଖ୍,ମହମ୍ମଦ ସେଖ୍ ,ମହମ୍ମଦ ଖୁରସିଦ୍,ରମାକାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

ଗ୍ରାମ ପରିବର୍ତନ କାର୍ଯ୍ୟକ୍ରମ ଅଧିନରେ ସ୍ଥାୟୀ ଜୀବିକା ସହ ୫୪୦୦ରୁ ଅଧିକ ପରିବାରକୁ ସଶକ୍ତ କରିଛି ଡାଲମିଆ ସିମେଂଟର ରାଜଗାଙ୍ଗପୁର ପ୍ଲାଂଟ

ରାଜଗାଙ୍ଗପୁର, ୧୬/୪(ନି/ପ୍ର): ଭାରତର ଅନ୍ୟତମ ଅଗ୍ରଣୀ ସିମେଂଟ ନିର୍ମାତା ଡାଲମିଆ ସିମେଂଟ (ଭାରତ) ଲିମିଟେଡ (ଡିସିବିଏଲ) ନିଜର ଗ୍ରାମ ପରିବର୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ରାଜଗାଙ୍ଗପୁର ୟୁନିଟ ଆଖପାଖରେ ଥିବା ସମୁଦାୟଗୁଡିକରେ ଜୀବିକା ବିକାଶକୁ ପ୍ରୋତ୍ସାହିତ କରିବା ଜାରି ରଖିଛି। ସ୍ଥାୟୀ ଗ୍ରାମାଂଚଳ ପରିବର୍ତନକୁ ପରିଚାଳନା କରିବା ଉପରେ ଗୁରୁତ୍ୱ ଦେଉଥିବା ଏହି ଅଭିଯାନ ଦକ୍ଷତା ବିକାଶ, ଉଦ୍ୟୋଗିକତା ଓ ଲକ୍ଷିତ ପଦକ୍ଷେପ ମାଧ୍ୟମରେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡିକ ପାଇଁ ଉନ୍ନତ ପହଂଚ ମାଧ୍ୟମରେ ପରିବାରଗୁଡିକୁ ସଶକ୍ତ କରୁଛି। ଚଳିତ ଆର୍ଥିକ ବର୍ଷ ସମୟରେ ଏହି କାର୍ଯ୍ୟକ୍ରମ ସକରାତ୍ମକ ଭାବେ ୫୪୪୩ଟି ପରିବାରକୁ ପ୍ରଭାବିତ କରିଛି, ଯାହା ସ୍ଥାନୀୟ ସମୁଦାୟଗୁଡିକରେ ଆୟ ସୁରକ୍ଷାକୁ ସୁଦୃଢ଼ କରିବା ସହ ଅନେକ ପରିବାର ଏବେ ବାର୍ଷିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ଗ୍ରାମ ପରିବର୍ତନର କେନ୍ଦ୍ରରେ ଏକ ବହୁମୁଖୀ ଜୀବିକ ରଣନୀତି ଅନ୍ତର୍ନିହିତ ରହିଛି। ରାଜଗାଙ୍ଗପୁରରେ ୧୦୦୦ରୁ ଅଧିକ ପରିବାର ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ ଜୈବିକ ପନିପରିବା ଚାଷ ଆପଣାଇଥିବା ବେଳେ ପ୍ରାୟ ୮୦୦ ପରିବାର ଉଭୟ ଆୟ ଓ ପୋଷଣରେ ସମର୍ଥନ ପାଇଁ କିଚେନ ଗାର୍ଡେନ ବିକଶିତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଭର୍ମିକମ୍ପୋଷ୍ଟିଙ୍ଗ, ଅଜୋଲା ଉତ୍ପାଦନ ଭଳି ପଦକ୍ଷେପ ଏଂ ଡ୍ରାଗନ ଫ୍ରୁଟ ଭଳି ଉଚ୍ଚମୂଲ୍ୟଯୁକ୍ତ ଫସଲ ମାଧ୍ୟମରେ କୃଷି ଅର୍ଥନୀତିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେଉଛି, ଯାହା କୃଷକଙ୍କୁ ଖର୍ଚ୍ଚ ହ୍ରାସ କରିବା, ଉତ୍ପାଦକତା ବୃଦ୍ଧି କରିବା ଓ ଜଳବାୟୁ-ପ୍ରତିରୋଗୀ ଅଭ୍ୟାସଗୁଡିକୁ ଗ୍ରହଣ କରିବା ପାଇଁ ସକ୍ଷମ କରିଛି। ପଶୁପାଳନ ଚାଷ ଏକ ପ୍ରମୁଖ ସ୍ତମ୍ଭ ଭାବେ ବଜାୟ ରହିଥିବା ବେଳେ ମୋଟ ୧୧୧୧ ପୋଲ୍ ?ଟ୍ରି ୟୁନିଟ, ୯୮୫ ଗୋଟେରୀ ୟୁନିଟ ଓ ୧୭୦ ପିଗେରୀ ୟୁନିଟ ସ୍ଥାପନ କରାଯାଇଛି। ଏହି ପ୍ରୟାସଗୁଡିକୁ ପରିପୂରକ କରି, ଗ୍ରାମାଂଚଳ ଉଦ୍ୟୋଗିକତାକୁ ମଜବୁତ କରିବା ପାଇଁ ମିଲେଟ ବା ବାଜରା ଚାଷ ୧୦୬ ଏକରରେ ପରିବ୍ୟାପ୍ତ ରହିଛି, ୩୧୫୦୦ରୁ ଅଧିକ ଫଳ ଗଛ ସହିତ ବାଡି ବିକାଶ ୪୨୦ ଏକର ଜମିକୁ କଭର କରିଛି ଏବଂ ୯୨ଟି ଅଣୁ ଉଦ୍ୟୋଗ ସ୍ଥାପନ କରାଯାଇଛି। ଆୟ ବୃଦ୍ଧି କରିବା ପାଇଁ ପ୍ରୋଜେକ୍ଟ ଅନ୍ନଦାତା ଓ ପ୍ରୋଜେକ୍ଟ ହସ୍ତକଳା ଭଳି ପଦକ୍ଷେପଗୁଡିକ ଉଭୟ କୃଷି ଓ ଅଣ-କୃଷି ଜୀବିକାଗୁଡିକୁ ଆଗକୁ ବଢାଉଛନ୍ତି। ଏହି ଅଭିଯାନ ସମ୍ପର୍କରେ ଡିସିବିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରାଜଗାଙ୍ଗପୁରର ୟୁନିଟ ହେଡ ଚେତନ ଶ୍ରୀବାସ୍ତବ କହିଛନ୍ତି, "ସାର୍ଥକ ସମୁଦାୟ ବିକାଶ ଗଭୀରତା, ନିରନ୍ତରତା ଓ ବିଶ୍ୱାସ ଆବଶ୍ୟକ କରିଥାଏ। ଗ୍ରାମ ପରିବର୍ତନ ମାଧ୍ୟମରେ ବହୁମୁଖୀ ଓ ସ୍ଥାୟୀ ଜୀବିକା ମଡେଲ ନିର୍ମାଣ କରିବା ପାଇଁ ଆମେ ଗ୍ରାମୀଣ ସମୁଦାୟଗୁଡିକ ସହ ମିଳିତ ଭାବେ କାର୍ଯ୍ୟ କରୁଛୁ। ରାଜଗାଙ୍ଗପୁରରେ ଆମେ ପରିଲକ୍ଷିତ କରିଥିବା ପ୍ରଭାବର ବ୍ୟାପକତା , କାର୍ଯ୍ୟକ୍ରମଗୁଡିକ ଅଂଶଗ୍ରହଣକାରୀ , ସ୍ଥାନୀୟ ରୂପେ ପ୍ରାସଙ୍ଗିକ ଓ ଅର୍ଥନୈତିକ ଦୃଷ୍ଟିରୁ ସ୍ଥାୟୀ ହେଲେ କ'ଣ ସବୁ ସମ୍ଭବ ହୋଇପାରେ ତାହାକୁ ପ୍ରତିଫଳନ କରୁଛି।" ସାମୁହିକ ଭାବେ ଏହାର ସିଏସଆର ଶାଖା ଡାଲମିଆ ଭାରତ ଫାଉଣ୍ଡେସନ ଅଧିନରେ ଏଭଳି ପଦକ୍ଷେପଗୁଡିକ କୃଷି, ସମ୍ବନ୍ଧିତ କାର୍ଯ୍ୟ ଓ ଅଣ-କୃଷି ସୁଯୋଗଗୁଡିକରେ ଏକ ସମନ୍ୱିତ ଆଭିମୁଖ୍ୟ ମାଧ୍ୟମରେ ରାଜଗାଙ୍ଗପୁରରେ ଗ୍ରାମୀଣ ଜୀବିକାକୁ ମଜବୁତ କରିବା ପାଇଁ ଏକ ସ୍ଥାୟୀ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ବିବିଧ ଆୟ, ଜଳବାୟୁ-ସ୍ଥିରତା ପଦ୍ଧତି ଓ ସ୍ଥାନୀୟ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରି ଗ୍ରାମ ପରିବର୍ତ କାର୍ଯ୍ୟକ୍ରମ ସମୁଦାୟଗୁଡିକୁ ସ୍ଥିର, ସ୍ଥାୟୀ ଜୀବିକା ପାଇଁ ପ୍ରୋତ୍ସାହିତ କରିବା ସହ ଆର୍ଥିକ ଅନିଶ୍ଚିତତା ଦୂର କରିବା ପାଇଁ ସକ୍ଷମ କରୁଛି।

ଉତ୍ତମ ଚରିତ୍ର ଓ ଯୌଥ ପରିବାରର ମହତ୍ତ୍ୱ ଉପରେ ଆଲୋଚନାଚକ୍ର

ରାଉରକେଲା,୧୬/୪(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେଶବ ନଗର ଶାଖା ତରଫରୁ ସେକ୍ଟର-୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ମାସିକ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶାଖାର କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତଙ୍କ ସଭାପତିତ୍ୱ, ସମ୍ପାଦିକା ସୁସ୍ମିତା ମହାପାତ୍ରଙ୍କ ଆବାହକତ୍ୱ ଓ ମଚଂ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଆରଏସପିର ସୁରକ୍ଷା ଓ ଅଗ୍ନିଶମ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହାରାଲାଲ ମହାପାତ୍ର, ବିଷୟ ବିଶେଷଜ୍ଞ ଭାବେ ଦିବ୍ୟ ଜୀବନ ସଂଘର ଉପଦେଷ୍ଟା ରାମକୃଷ୍ଣ ତ୍ରିପାଠୀ ଯୋଗଦେଇ ଉତ୍ତମ ଚରିତ୍ର ଓ ଯୌଥ ପରିବାରର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଓ ବିଷୟ ବିଶେଷଜ୍ଞ ଦ୍ୱୟ ଏକୁଟିଆ ରହୁଥିବା ପରିବାର ଓ ଯୌଥ ପରିବାର ମଧ୍ୟରେ ଥିବା ପାର୍ଥକ୍ୟକୁ ଅତି ସୁନ୍ଦର ଭାବରେ ବ୍ୟାଖ୍ୟାନ କରି ଯୌଥ ପରିବାର କିପରି ସର୍ବୋତ୍କୃଷ୍ଟ ତାହା ଛାତ୍ର ଛାତ୍ରୀଙ୍କୁ ସରଳ ଭାବରେ ବୁଝାଇଥିଲେ। ପ୍ରାରମ୍ଭରେ ସଭାପତିତ୍ୱ କରୁଥିବା ଶ୍ରୀ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ, ପ୍ରବୀର କୁମାର ଦୁବେ ପ୍ରାରମ୍ଭିକ ଅଭିଭାଷଣ, ସମ୍ପାଦିକା ଶ୍ରୀମତୀ ମହାପାତ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ, ଶିକ୍ଷାବିତ ବିଜୟିନୀ ଜେନା, ବ୍ରଜେନ୍ଦ୍ର ଦାଶ ଓ ବହୁ ଗୁରୁମା ଗୁରୁଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ କରାଯାଇ ଠିକ୍ ଉତ୍ତରଦାତାଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ଶାଖାର ସହ ସମ୍ପାଦିକା ମମତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।